# ଚିଠା ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ, ୨୦୨୬

**ଖଣ୍ଡଗୁଡ଼ିକର କ୍ରମ ବିନ୍ୟାସ**

**ଅଧ୍ୟାୟ I**

**ପ୍ରାରମ୍ଭିକ**

ଖଣ୍ଡଗୁଡ଼ିକ

1. ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ
2. ସଂଜ୍ଞାଗୁଡ଼ିକ
3. ଅଧିନିୟମ କେତେକ ପରିସର ପ୍ରତି ଲାଗୁ ହେବ ନାହିଁ

**ଅଧ୍ୟାୟ II**

**ଭଡ଼ାଘର ଲଗାଣ**

4. ଭଡ଼ାଘର ଚୁକ୍ତିନାମା
5. ଭଡ଼ାରେ ଘର ଲଗାଣର ଅବଧି
6. ମୃତ୍ୟୁ କ୍ଷେତ୍ରରେ ଉତ୍ତରାଧିକାରୀଙ୍କ ଅଧିକାର ଓ ଦାୟିତ୍ୱ
7. ଭଡ଼ାଦାର ଆଉ ଜଣଙ୍କୁ ଭଡ଼ାରେ ଦେବା ଉପରେ କଟକଣା

**ଅଧ୍ୟାୟ III**

**ଘରଭଡ଼ା**

8. ଦେୟ ଭଡ଼ା
9. ଭଡ଼ା ସଂଶୋଧନ
10. ବିବାଦ ଦେଖାଦେଲେ, ସଂଶୋଧିତ ଘରଭଡ଼ା ଧାର୍ଯ୍ୟ କରିବାକୁ ଘରଭଡ଼ା ପ୍ରାଧିକରଣ
11. ପ୍ରତିଭୂତି ଜମାରାଶି

**ଅଧ୍ୟାୟ IV**

**ଘରମାଲିକ ଓ ଭଡ଼ାଦାରଙ୍କ ଅଧିକାର ଓ ଦାୟିତ୍ୱ**

12. ଘରମାଲିକ ଓ ଭଡ଼ାଦାରଙ୍କ ପାଖରେ ମୂଳ ଭଡ଼ାଚୁକ୍ତି ରହିବ
13. ଭଡ଼ା ଓ ଅନ୍ୟାନ୍ୟ ଶୁଳ୍କ ଦେୟ ଏବଂ ତହିଁର ପୈଠ ପାଇଁ ରସିଦ
14. ଭଡ଼ା ପ୍ରାଧିକରଣଙ୍କ ପାଖରେ ଭଡ଼ା ଜମା କରାଯିବ
15. ସମ୍ପତ୍ତିର ମରାମତି ଓ ରକ୍ଷଣାବେକ୍ଷଣ
16. ପରିସରର ଯତ୍ନ ନେବେ ଭଡ଼ାଦାର
17. ପରିସରରେ ପ୍ରବେଶ
18. ସମ୍ପତ୍ତି ପରିଚାଳକଙ୍କ ବିଷୟରେ ସୂଚନା
19. ସମ୍ପତ୍ତି ପରିଚାଳକଙ୍କ କର୍ତ୍ତବ୍ୟ ଏବଂ କର୍ତ୍ତବ୍ୟ ଉଲ୍ଲଂଘନ କ୍ଷେତ୍ରରେ ଦଣ୍ଡବିଧାନ
20. ଅତ୍ୟାବଶ୍ୟକ ଯୋଗାଣ କିମ୍ବା ସେବାକୁ ଅଟକାଇବା

**ଅଧ୍ୟାୟ V**

**ଘରମାଲିକ ଭଡ଼ାଘରକୁ ପୁଣି ନିଜ ଦଖଲକୁ ନେବା**

21. ଘରମାଲିକଙ୍କ ଦ୍ୱାରା ଘର ପରିସରର ପୁନଃକବ୍‌ଜା କରାଯିବା
22. ଘର ମାଲିକଙ୍କ ମୃତ୍ୟୁ ହେଲେ ଭଡ଼ାଘର ଖାଲି କରିବା ଏବଂ ସେହି ପରିସରର ଦଖଲ ଫେରି ପାଇବା।
23. ଭଡ଼ାଦାର ଯଦି ଘର ଖାଲି କରିବାକୁ ମନା କରନ୍ତି ତେବେ ଭଡ଼ା ବୃଦ୍ଧି
24. ଘରମାଲିକଙ୍କ ଦ୍ୱାରା ଅଗ୍ରୀମ ଭଡ଼ା ଫେରସ୍ତ
25. ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ଭଡ଼ା ପୈଠ
26. ଅତିରିକ୍ତ ଢାଞ୍ଚାଗୁଡ଼ିକର ନିର୍ମାଣ ପାଇଁ ଅନୁମତି
27. ଖାଲି ପଡ଼ିଥିବା ଜମିର ବିଶେଷ ବ୍ୟବସ୍ଥା
28. ଖାଲି କରି ଘରମାଲିକଙ୍କୁ ଭଡ଼ାଘର ଛାଡ଼ିଦେବା
29. ଭଡ଼ାଦାର ଘରକୁ ଦଖଲମୁକ୍ତ କରିବାର ବିଜ୍ଞପ୍ତି ଦେବା ସଂକ୍ରାନ୍ତ ବ୍ୟବସ୍ଥା

**ଅଧ୍ୟାୟ VI**

**ଭଡ଼ା ପ୍ରାଧିକରଣଗଣ, ସେମାନଙ୍କର କ୍ଷମତା, କୃତ୍ୟ ଓ ଅପିଲ**

30. ଭଡ଼ା ପ୍ରାଧିକରଣ
31. ଭଡ଼ା ପ୍ରାଧିକରଣଙ୍କ କ୍ଷମତା ଓ ପ୍ରକ୍ରିୟା

32. ଅପିଲ

## ଅଧ୍ୟାୟ VII
## ଘରଭଡ଼ା ନ୍ୟାୟାଳୟ ଏବଂ ଘରଭଡ଼ା ନ୍ୟାୟାଧିକରଣ

33. ଘରଭଡ଼ା ନ୍ୟାୟାଳୟ
34. ଘରଭଡ଼ା ନ୍ୟାୟାଧିକରଣ
35. ଘରଭଡ଼ା ନ୍ୟାୟାଳୟ ଏବଂ ଘରଭଡ଼ା ନ୍ୟାୟାଧିକରଣରେ ଅନୁସୃତ ହେବାକୁ ଥିବା ପ୍ରକ୍ରିୟା
36. ଘରଭଡ଼ା ନ୍ୟାୟାଳୟ ଓ ଘରଭଡ଼ା ନ୍ୟାୟାଧିକରଣଙ୍କ କ୍ଷମତା
37. ଘରଭଡ଼ା ନ୍ୟାୟାଧିକରଣଙ୍କ ପାଖରେ ଅପିଲ୍
38. ଆଦେଶର ନିଷ୍ପାଦନ

## ଅଧ୍ୟାୟ VIII
## ବିବିଧ

39. ଘରଭଡ଼ା ପ୍ରାଧିକରଣ, ଘରଭଡ଼ା ନ୍ୟାୟାଳୟ ଏବଂ ଘରଭଡ଼ା ନ୍ୟାୟାଧିକରଣଙ୍କ ଅଧିକାରୀ ଓ ଅନ୍ୟ କର୍ମଚାରୀଗଣ
40. କେତେକ ବିଷୟରେ ଦେୱାନୀ ନ୍ୟାୟାଳୟର ଅଧିକାରିତା ପ୍ରତି ପ୍ରତିବନ୍ଧ
41. ନ୍ୟାୟାଳୟ ଫିସ୍
42. ସଦସ୍ୟମାନେ ଲୋକସେବକ ହେବେ
43. ସତ୍ ବିଶ୍ୱାସରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ସୁରକ୍ଷା
44. ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନର ନିୟମାବଳୀ ପ୍ରଣୟନ କ୍ଷମତା
45. ନିୟମାବଳୀର ଉପସ୍ଥାପନ
46. ଅସୁବିଧା ଦୂର କରିବାକୁ କ୍ଷମତା
47. ନିରସନ ଓ ବ୍ୟାବୃତ୍ତି

ପ୍ରଥମ ଅନୁସୂଚୀ
ଦ୍ୱିତୀୟ ଅନୁସୂଚୀ

**ଓଡିଶା ସରକାର**
**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ**

***

**ନଥି ସଂଖ୍ୟା. HUD-HU-MISC-0002-2019 ପତ୍ର ସଂଖ୍ୟା. ____________/ଗୃନଉ, ତାରିଖ**

**ବିଜ୍ଞପ୍ତି**

## ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ, ୨୦୨୬

ଘରମାଲିକ ଓ ଭଡ଼ାଦାରଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ପରିସରକୁ ଦିଆଯାଇଥିବା ଓ ଭଡ଼ା ସଂକ୍ରାନ୍ତରେ ବିନିୟମିତ କରିବା ଘରଭଡ଼ା ପ୍ରାଧିକରଣ ପ୍ରତିଷ୍ଠା କରିବା ଏବଂ ବିବାଦଗୁଡ଼ିକର ଫଇସଲା ନିମନ୍ତେ ତ୍ୱରିତ ନ୍ୟାୟ ନିର୍ଣ୍ଣୟ ପାଇଁ ବ୍ୟବସ୍ଥା କରିବାକୁ ଘରଭଡ଼ା ନ୍ୟାୟାଳୟ ଓ ଘରଭଡ଼ା ନ୍ୟାୟାଧିକରଣ ପ୍ରତିଷ୍ଠା କରିବା ସକାଶେ ତତ୍ ସଂପୃକ୍ତ ବା ତତ୍ ଆନୁଷଙ୍ଗିକ ବିଷୟଗୁଡ଼ିକ ନିମନ୍ତେ ବ୍ୟବସ୍ଥା କରିବା ସକାଶେ ଏକ ଅଧିନିୟମ।

ଭାରତୀୟ ଗଣରାଜ୍ୟର ଏକସ୍ତରୀତମ ବର୍ଷରେ ଏହା ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ:

## ଅଧ୍ୟାୟ I
## ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ

୧. (୧) ଏହି ଅଧିନିୟମକୁ "ଓଡ଼ିଶା ସହରାଞ୍ଚଳ ଭଡ଼ା ନିୟନ୍ତ୍ରଣ ଅଧିନିୟମ, ୨୦୨୬→ କୁହାଯାଇପାରେ।.

(୨) ଏହା ସମଗ୍ର ଓଡ଼ିଶା ରାଜ୍ୟରେ ଲାଗୁ ହେବ:

(୩) ଏହା ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ଦ୍ୱାରା ରାଜ୍ୟ ସରକାର ନିର୍ଦ୍ଧାରିତ କରିବା ତାରିଖରୁ ଲାଗୁ ହେବ ଏବଂ ଏହି ଅଧିନିୟମର ବିଭିନ୍ନ ପ୍ରାବଧାନ (ଧାରା) ପାଇଁ ଭିନ୍ନ ଭିନ୍ନ ତାରିଖ ନିର୍ଦ୍ଧାରିତ କରାଯାଇପାରେ।

(୪) ଏହି ଅଧିନିୟମ କାର୍ଯ୍ୟକାରୀ ହେବା ସହିତ, ଓଡ଼ିଶା ସରକାରଙ୍କ ତତ୍କାଳୀନ ଶ୍ରମ, ନିଯୁକ୍ତି ଏବଂ ଗୃହ ନିର୍ମାଣ ବିଭାଗ ବିଜ୍ଞପ୍ତି ସଂଖ୍ୟା ୧୪୧୫୬/- ଦ୍ୱାରା ୦୪.୦୩.୧୯୬୮ ରିଖରେ ଜାରି କରାଯାଇଥିବା 'ଦି ଓଡ଼ିଶା ହାଉସ୍ ରେଣ୍ଟ କଣ୍ଟ୍ରୋଲ୍ ଆକ୍ଟ, ୧୯୬୭' (The Orissa House Rent Control Act, 1967) ଏବଂ ଏହା ସହିତ 'ଦି ଓଡ଼ିଶା ହାଉସ୍ ରେଣ୍ଟ କଣ୍ଟ୍ରୋଲ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୧୯୭୪' (The Orissa House Rent Control (Amendment) Act, 1974) ରଦ୍ଦ ବା ପ୍ରତ୍ୟାହୃତ ହୋଇଯିବ ଏବଂ ଏହି ଅଧିନିୟମରେ ପ୍ରଦତ୍ତ ସୀମା ପର୍ଯ୍ୟନ୍ତ ଓଡ଼ିଶା ପାଇଁ 'ଦି ଓଡ଼ିଶା ହାଉସ୍ ରେଣ୍ଟ କଣ୍ଟ୍ରୋଲ୍ ଆକ୍ଟ, ୧୯୬୭' ଏବଂ 'ଦି ଓଡ଼ିଶା ହାଉସ୍ ରେଣ୍ଟ କଣ୍ଟ୍ରୋଲ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୧୯୭୪' ଉପରେ ଏହି ଅଧିନିୟମର ପ୍ରାବଧାନ ଗୁଡ଼ିକର ଅଗ୍ରାଧିକାର ପ୍ରଭାବ ରହିବ।

ସଂଜ୍ଞାଗୁଡ଼ିକ:

୨. ଏହି ଅଧିନିୟମରେ, ଯଦି ପ୍ରସଙ୍ଗ ଅନୁସାରେ ଅନ୍ୟଥା ଆବଶ୍ୟକ ନହୁଏ, —

(କ) "ଘରମାଲିକ→, ଯିଏକି ଲିଜ୍‌ଦାତା, ଘରମାଲିକ କିମ୍ବା ଅନ୍ୟ କୌଣସି ନାମରେ ପରିଚିତ ହୋଇଥାଆନ୍ତୁ ନା କାହିଁକି, ଅର୍ଥ ଜଣେ ବ୍ୟକ୍ତି ଯେକି, କୌଣସି ପରିସର ଜଣେ ଭଡ଼ାଦାରଙ୍କୁ ଭଡ଼ାରେ ଦିଆଯାଇଥିଲେ ନିଜେ ସେହି ପରିସରର ଭଡ଼ା ପାଇଥାଆନ୍ତି ବା ପାଇବାକୁ ହକ୍‌ଦାର ହୋଇଥାଆନ୍ତି ଏବଂ ସେଥିରେ ଅନ୍ତର୍ଭୁକ୍ତ ହେବେ –

(i) ତାଙ୍କ ଉତ୍ତରାଧିକାରୀ; ଏବଂ -

(ii) ଚୁକ୍ତି କରିବାକୁ ଅସମର୍ଥ ଜଣେ ନାବାଳକ ବା ବିକୃତ ମସ୍ତିଷ୍କ ବ୍ୟକ୍ତିଙ୍କ ପରି ଅନ୍ୟ କୌଣସି ବ୍ୟକ୍ତିଙ୍କ ପାଇ ବା ତାଙ୍କ ତରଫରୁ ବା ତାଙ୍କ ହିତ ପାଇଁ କୌଣସି ପରିସରର ଭଡ଼ା ପାଇବାକୁ ହକ୍‌ଦାର ହୋଇଥିବା ଜଣେ ଅଭିଭାବକ ବା ଗ୍ରହଣକାରୀ;

(ଖ) "ସ୍ଥାନୀୟ କର୍ତ୍ତୃପକ୍ଷ→ ଅର୍ଥ ଏକ ଗ୍ରାମ ପଞ୍ଚାୟତ କିମ୍ବା ପଞ୍ଚାୟତ ସମିତି କିମ୍ବା ଜିଲା ପରିଷଦ କିମ୍ବା ପୌର ନିଗମ କିମ୍ବା ଏକ ପୌର ପରିଷଦ କିମ୍ବା ନଗର ପଞ୍ଚାୟତ କିମ୍ବା ଯୋକୌଣସି ନାମରେ ନାମିତ ହୋଇଥାଉ ନା କାହିଁକି, ଉନ୍ନୟନ ପ୍ରାଧିକରଣ, କିମ୍ବା କ୍ୟାଣ୍ଟନମେଣ୍ଟ ବୋର୍ଡ, ବା ଯଥାସ୍ଥିତି ଏକ କ୍ୟାଣ୍ଟନମେଣ୍ଟ ଅଧିନିୟମ, 2006ରେ ଧାରା 47 ଅନୁଯାୟୀ ନିଯୁକ୍ତ ବେସାମରିକ କ୍ଷେତ୍ର କମିଟି, କିମ୍ବା
୨୦୦୬ ତତ୍‌ସମୟେ ବଳବତ୍ତର ଥିବା କୌଣସି ଆଇନ ବଳରେ ଗଠିତ ଅନ୍ୟ କୌଣସି ସଂସ୍ଥା ଯାହା କୌଣସି
ର ୪୧. ନଗର ବା ସହରରେ ସ୍ଥାନୀୟ କର୍ତ୍ତୃପକ୍ଷ ଭାବରେ କାର୍ଯ୍ୟ କରିବାକୁ ଅଧିକାରପ୍ରାପ୍ତ;

(ଗ) "ଅଧିସୂଚନା"ଅର୍ଥ ହେଉଛି ରାଜ୍ୟର ସରକାରୀ ରାଜପତ୍ରରେ ପ୍ରକାଶିତ ଏକ ଅଧିସୂଚନା ଏବଂ "ଅଧିସୂଚିତ କରିବା"ଅଭିବ୍ୟକ୍ତି ଏହାର ବ୍ୟାକରଣଗତ ପରିବର୍ତ୍ତନ ଏବଂ ସମଧାତୁ ନିଷ୍ପନ୍ନ ଅଭିବ୍ୟକ୍ତି ଅନୁଯାୟୀ ବ୍ୟାଖ୍ୟା କରାଯିବ;

(ଘ) "ପରିସର→ ଅର୍ଥ କୌଣସି କୋଠାଘର କିମ୍ବା ଏକ କୋଠାଘରର କିଛି ଅଂଶ ଯାହା ଶିଳ୍ପ ବ୍ୟବହାର ବ୍ୟତୀତ, ବାସସ୍ଥାନ ଉଦ୍ଦେଶ୍ୟରେ କିମ୍ବା ବାଣିଜ୍ୟିକ କିମ୍ବା ଶିକ୍ଷାଗତ ବ୍ୟବହାର ପାଇଁ ଭଡ଼ାରେ ଲଗାଯାଇଛି ବା ଲଗାଯିବ ଏବଂ ଏଥିରେ ଅନ୍ତର୍ଭୁକ୍ତ

(i) ସେଭଳି ଘର ସହ ଲାଗିକରି ରହିଥିବା ବା କୋଠାଘରର ଅଂଶବିଶେଷ ହୋଇଥିବା ବଗିଚା, ଗ୍ୟାରେଜ୍ ବା ଆବଦ୍ଧ ପାର୍କିଂ ଅଞ୍ଚଳ, ପଡ଼ିଆଗୁଡ଼ିକ ଏବଂ ପଦାଘରଗୁଡ଼ିକ,
(ii) ସେପରି କୋଠା ସହ ଥିବା ବା ଅଂଶବିଶେଷ ହୋଇଥିବା ହିତଦାୟକ ଭୋଗ୍ୟ ଫିଟିଂଗୁଡ଼ିକ, କିନ୍ତୁ ହୋଟେଲ, ଲଜିଂ ହାଉସ୍, ଅତିଥିଶାଳା, ଧର୍ମଶାଳା ଭଳି ପରିସରଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ ନୁହେଁ;
(ଙ) "ବିହିତ→ ଅର୍ଥ ଏହି ଆଇନ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତ;
(ଚ) "ସମ୍ପତ୍ତି ପରିଚାଳକ→ ଅର୍ଥ ଜଣେ ବ୍ୟକ୍ତି ବା ସଂସ୍ଥା ଯିଏ ଭଡ଼ା ଏଜେଣ୍ଟ ସମେତ ଘର ପରିଚାଳନା ପାଇଁ ଘରମାଲିକଙ୍କ ଦ୍ୱାରା ପରିସରର ପରିଚାଳନା ପାଇଁ କ୍ଷମତାପ୍ରାପ୍ତ ଏବଂ ଯିଏ ଘରମାଲିକଙ୍କ କାରବାରରେ ପ୍ରତିନିଧିତ୍ୱ କରି ଭଡ଼ାଦାରଙ୍କ ସହ ଯୋଗାଯୋଗ ରଖିଥାଆନ୍ତି;
(ଛ) "ଭଡ଼ା ଏଜେଣ୍ଟ→ ଅର୍ଥ କୌଣସି ବ୍ୟକ୍ତି, ଯିଏ ଘରମାଲିକ କିମ୍ବା ଭଡ଼ାଦାରଙ୍କ ତରଫରୁ ବା ଉଭୟଙ୍କ ତରଫରୁ ବୁଝାମଣା କରନ୍ତି କିମ୍ବା କାର୍ଯ୍ୟ କରନ୍ତି କିମ୍ବା କୌଣସି ପରିସରର ଭଡ଼ା କାରବାରରେ କାର୍ଯ୍ୟ କରନ୍ତି ଏବଂ ତାଙ୍କ ସେବା ପାଇଁ ପାରିତୋଷିକ ବା ଫିସ୍ କିମ୍ବା ଅନ୍ୟ କୌଣସି ପାଉଣା ଗ୍ରହଣ କରନ୍ତି, ଯାହା କମିଶନ ଆକାରେ ବା ଅନ୍ୟ ଆକାରେ ହୋଇପାରେ ଏବଂ ଜଣେ ବ୍ୟକ୍ତିଙ୍କୁ ସାମିଲ କରିଥାଆନ୍ତି ଯିଏ କୌଣସି ମାଧ୍ୟମରେ ପ୍ରଗତିଶୀଳ ଘରମାଲିକ ଏବଂ ଭଡ଼ାଦାରଙ୍କ ମଧ୍ୟରେ ଭଡ଼ା ଦେଣନେଣରେ ବୁଝାମଣା ପାଇଁ ପରିଚିତ କରାନ୍ତି ଏବଂ ଏଥିରେ ସମ୍ପତ୍ତି ଡିଲର, ଦଲାଲ କିମ୍ବା ମଧ୍ୟସ୍ଥି ବା ଏଭଳି ଯେଉଁ ଶବ୍ଦରେ କହାଯାଉଥିବା ବ୍ୟକ୍ତିଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରେ।

(ଜ) "ଘରଭଡ଼ା ପ୍ରାଧିକରଣ"ଅର୍ଥ ଧାରା 30 ଅଧୀନରେ ନିଯୁକ୍ତ ଜଣେ ଅଧିକାରୀ;

(ଝ) "ଘରଭଡ଼ା ନ୍ୟାୟାଳୟ→ ଅର୍ଥ ଧାରା 33 ଅଧୀନରେ ଗଠିତ ଏକ ଭଡ଼ା ନ୍ୟାୟାଳୟ;

(ଞ) କୌଣସି ପରିସରର ସଂପର୍କରେ "ଭଡ଼ା ଦେୟ"ଅର୍ଥ ଧାରା 8ରେ ନିର୍ଧାରିତ ହୋଇଥିବା ଭଡ଼ା;
(ଟ) "ଘରଭଡ଼ା ନ୍ୟାୟାଧିକରଣ"ଅର୍ଥ ଧାରା 34 ଅଧୀନରେ ଗଠିତ ଏକ ଭଡ଼ା ନ୍ୟାୟାଧିକରଣ;
(ଠ) "ଅନୁସୂଚୀ"ଅର୍ଥ ଏହି ଅଧିନିୟମ ସହିତ ସଂଲଗ୍ନ ହୋଇଥିବା ଏକ ଅନୁସୂଚୀ;
(ଡ) "ଉପଭଡ଼ାଦାର→ ଅର୍ଥ ସେହି ବ୍ୟକ୍ତି, ଯାହାଙ୍କୁ ଭଡ଼ାଦାର ନିଜ ଚୁକ୍ତିନାମା ଅନୁଯାୟୀ ଦଖଲ କରିଥିବା ପରିସରକୁ ସଂପୂର୍ଣ୍ଣ ଭାବେ କିମ୍ବା ଆଂଶିକ ଭାବେ ଏକ ଅତିରିକ୍ତ ଚୁକ୍ତିନାମା ବଳରେ ହସ୍ତାନ୍ତର କରନ୍ତି ବା ନ୍ୟସ୍ତ କରନ୍ତି ;
(ଢ) "ଭଡ଼ାଘର ଚୁକ୍ତି"ଅର୍ଥ ଏହି ଅଧିନିୟମ ଅନୁଯାୟୀ ଘରମାଲିକ ଓ ଭଡ଼ାଦାରଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଲିଖିତ ଚୁକ୍ତିନାମା;
(ଣ) ଲିଜ୍‌ଧାରୀ ବା ଅନ୍ୟ ଯେକୌଣସି ନାମରେ ନାମିତ ହୋଇଥାଆନ୍ତୁ ନା କାହିଁକି "ଭଡ଼ାଦାର'' ଅର୍ଥ ଏକ ଭଡ଼ାଘର ଚୁକ୍ତି ଅନୁସାରେ ଘରମାଲିକଙ୍କୁ ଦେୟ କୌଣସି ପରିସରର ଭଡ଼ା ଯେଉଁ ବ୍ୟକ୍ତିଙ୍କ ଦ୍ୱାରା, ବା ଯେଉଁ ବ୍ୟକ୍ତିଙ୍କ ପାଇଁ ବା ଯେଉଁ ବ୍ୟକ୍ତିଙ୍କ ତରଫରୁ ପ୍ରଦାନ କରାଯାଉଥିବ, ସେପରି ଜଣେ ବ୍ୟକ୍ତି ତଥା ଉକ୍ତ ପରିସରର ଦଖଲରେ ଥିବା ଜଣେ ଉପଭଡ଼ାଦାର ଏବଂ ଅଧିନିୟମର ପ୍ରାରମ୍ଭ ପୂର୍ବରୁ ହେଉ କି ପରେ ହେଉ, ତାଙ୍କର ଚୁକ୍ତି ଅବଧି ସମାପ୍ତ ହେବା ପରେ ମଧ୍ୟ ପରିସରକୁ ଦଖଲ କରି ଆସୁଥିବା ବ୍ୟକ୍ତି ମଧ୍ୟ ଏହାର ଅନ୍ତର୍ଭୁକ୍ତ, କିନ୍ତୁ ଯେଉଁ ବ୍ୟକ୍ତିଙ୍କ ବିରୋଧରେ ଉଚ୍ଛେଦ କରିବା ନିମନ୍ତେ ଆଦେଶ ବା ଡିକ୍ରି ଜାରି କରାଯାଇଥିବ, ସେପରି କୌଣସି ବ୍ୟକ୍ତି ଏଥିରେ ଅନ୍ତର୍ଭୁକ୍ତ ନୁହନ୍ତି।

କେତେକ ନିର୍ଦ୍ଦିଷ୍ଟ ପରିସର ପ୍ରତି ଅଧିନିୟମ ଲାଗୁ ନହେବା।

୩. (୧) ଏହି ଅଧିନିୟମର କୌଣସି ବିଷୟ ନିମ୍ନଲିଖିତ କୌଣସି ପରିସର ପ୍ରତି ଲାଗୁ ହେବ ନାହିଁ —
(କ) କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷ କିମ୍ବା ଏକ ସରକାରଙ୍କ ଆୟତ୍ତାଧୀନ ବା ଉଦ୍ୟୋଗ ବା ଏକ ବୈଧାନିକ ସଂସ୍ଥା କିମ୍ବା କ୍ୟାଣ୍ଟନମେଣ୍ଟ ବୋର୍ଡ ମାଲିକାନାରେ ଥିଲେ ବା ପ୍ରୟୋଗ ହେଉଥିଲେ;
(ଖ) ଚାକିରି ସର୍ତ୍ତାବଳୀର ଅଂଶ ଭାବରେ କୌଣସି କମ୍ପାନୀ, ବିଶ୍ୱବିଦ୍ୟାଳୟ, ଅନୁଷ୍ଠାନ କିମ୍ବା ସଂଗଠନର ମାଲିକାନାରେ ଥିବା ପରିସରକୁ ନିଜର କର୍ମଚାରୀମାନଙ୍କୁ ଭଡ଼ାରେ ଦେଇଥିଲେ;
(ଗ) ଧାର୍ମିକ ବା ଦାତବ୍ୟ ଅନୁଷ୍ଠାନର ମାଲିକାନାରେ ଥିଲେ ବା ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନର ବିଜ୍ଞପ୍ତି ଅନୁଯାୟୀ ନିର୍ଧାରିତ ପ୍ରକାରେ କୌଣସି ପରିସର;
(ଘ) ୱାକଫ ଅଧିନିୟମ 1995 ଅଧୀନରେ ପଞ୍ଜିକୃତ କୌଣସି ୱାକଫ ବୋର୍ଡ ମାଲିକାନାରେ ଥିବା କିମ୍ବା ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ଦ୍ୱାରା ପ୍ରଣୀତ କୌଣସି କାର୍ଯ୍ୟକ୍ଷମ ସର୍ବସାଧାରଣ ଟ୍ରଷ୍ଟ ଆଇନ ଅଧୀନରେ ପଞ୍ଜିକୃତ କୌଣସି ଟ୍ରଷ୍ଟ୍ ମାଲିକାନାରେ ଥିବା ପରିସର;
(ଙ) ରାଜ୍ୟ ସରକାର ବା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନର ବିଜ୍ଞପ୍ତି ଅନୁଯାୟୀ ଅନ୍ୟ କୋଠା ବା ନିର୍ଧାରିତ ବର୍ଗମାଳାର କୋଠାଗୁଡ଼ିକୁ ସର୍ବସାଧାରଣଙ୍କ ହିତରେ ଛାଡ କରାଯାଇଛି।
(2) ଉପଧାରା(1)ରେ ନଥିଲେ ସୁଦ୍ଧା ଯଦି କୌଣସି ପରିସରର ଘରମାଲିକ ଓ ଭଡ଼ାଦାର, ଅନୁଚ୍ଛେଦ(କ) ରୁ ଅନୁଚ୍ଛେଦ(ଙ) ପର୍ଯ୍ୟନ୍ତ ସେହି ସମାନ ଉପଧାରା ଅଧୀନରେ ଭଡ଼ାଘର ଚୁକ୍ତିନାମା କରୁଥାଆନ୍ତି, ତେବେ ସେହି ଘରମାଲିକ ଓ ଭଡ଼ାଦାର ଏହି ଅଧିନିୟମର ବ୍ୟବସ୍ଥା ଅଧୀନରେ ନିୟନ୍ତ୍ରିତ

ହେବେ, ତେବେ ସେଭଳି ଘରମାଲିକ ଧାରା 4 ଅନୁଯାୟୀ ସେହି ଭଡ଼ାଘର ଚୁକ୍ତିନାମା କଲା ବେଳେ ଘରଭଡ଼ା ପ୍ରାଧିକରଣଙ୍କୁ ଅବଗତ କରିପାରନ୍ତି।

୧୯୯୫ ର ୪୩

## ଅଧ୍ୟାୟ II
## ଭଡ଼ାଘର ଲଗାଣ

ଭଡ଼ାଘର ଚୁକ୍ତିନାମା

**୪.** (୧) ଏହି ଅଧିନିୟମ କିମ୍ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନରେ ଯାହା କିଛି ଉଲ୍ଲେଖ ଥିଲେ ହେଁ, ଏହି ଅଧିନିୟମ ଆରମ୍ଭ ହେବା ପରେ, କୌଣସି ବ୍ୟକ୍ତି ଲିଖିତ ଭଡ଼ା ଚୁକ୍ତିନାମା (ଟେନାନ୍ସି ଏଗ୍ରିମେଣ୍ଟ) ବିନା କୌଣସି ପରିସର (ପ୍ରେମିସେସ୍) ଭଡ଼ାରେ ଦେବେ ନାହିଁ କିମ୍ବା ଭଡ଼ାରେ ନେବେ ନାହିଁ; ଯାହାକି ଭଡ଼ା ଚୁକ୍ତିନାମା ସ୍ୱାକ୍ଷରିତ ହେବା ତାରିଖରୁ ଦୁଇ ମାସ ମଧ୍ୟରେ ଘରମାଲିକ ଏବଂ ଭଡ଼ାଟିଆଙ୍କ ଦ୍ୱାରା ଯୌଥଭାବେ, ପ୍ରଥମ ଅନୁସୂଚୀରେ (ଫାଷ୍ଟ ସେଡ୍ୟୁଲ) ନିର୍ଦ୍ଧାରିତ ଫର୍ମରେ, ଭଡ଼ା ପ୍ରାଧିକରଣ (ରେଣ୍ଟ ଅଥରିଟି) ଏବଂ ସ୍ଥାନୀୟ ଥାନାର ଭାରପ୍ରାପ୍ତ ଅଧିକାରୀ (ଆଇ.ଆଇ.ସି./ଓ.ସି.)ଙ୍କୁ ଅବଗତ କରାଯିବ।

(୨) ଯେଉଁଠାରେ ଘରମାଲିକ ଏବଂ ଭଡ଼ାଟିଆ ଉପ-ଧାରା (୧) ରେ ଉଲ୍ଲେଖିତ ଭଡ଼ା ଚୁକ୍ତିନାମା ସମ୍ପାଦନ ବିଷୟରେ ଯୌଥଭାବେ ଅବଗତ କରିବାରେ ବିଫଳ ହୁଅନ୍ତି, ସେଠାରେ ଘରମାଲିକ ଏବଂ ଭଡ଼ାଟିଆ ଉପ-ଧାରା (୧) ରେ ନିର୍ଦ୍ଧାରିତ ଅବଧି ସମାପ୍ତ ହେବା ତାରିଖରୁ ଏକ ମାସ ମଧ୍ୟରେ ପୃଥକ ପୃଥକ ଭାବେ ଭଡ଼ା ଚୁକ୍ତିନାମା ସମ୍ପାଦନ ବିଷୟରେ ଭଡ଼ା ପ୍ରାଧିକରଣ ଏବଂ ସ୍ଥାନୀୟ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ଅବଗତ କରିବେ।

(୩) ଭଡ଼ା ପ୍ରାଧିକରଣ, ତାଙ୍କ ନିଯୁକ୍ତି ତାରିଖରୁ ତିନି ମାସ ମଧ୍ୟରେ, ନିର୍ଦ୍ଧାରିତ ଫର୍ମ ଏବଂ ପ୍ରଣାଳୀରେ ଦସ୍ତାବିଜ (ଡକ୍ୟୁମେଣ୍ଟ) ଦାଖଲ କରିବା ସକ୍ଷମ କରିବା ପାଇଁ ସ୍ଥାନୀୟ ମାତୃଭାଷା କିମ୍ବା ରାଜ୍ୟର ଭାଷାରେ (ଓଡ଼ିଆରେ) ଏକ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବସ୍ଥା କରିବେ।

(୪) ପ୍ରଥମ ଅନୁସୂଚୀରେ ନିର୍ଦ୍ଧାରିତ ଦସ୍ତାବିଜଗୁଡ଼ିକ ସହିତ ଭଡ଼ା ଚୁକ୍ତିନାମା ସମ୍ପାଦନ ସମ୍ବନ୍ଧୀୟ ସୂଚନା ପାଇବା ପରେ, ଭଡ଼ା ପ୍ରାଧିକରଣ —

(କ) ପକ୍ଷମାନଙ୍କୁ (ଘରମାଲିକ ଏବଂ ଭଡ଼ାଟିଆଙ୍କୁ) ଏକ ସ୍ୱତନ୍ତ୍ର ପରିଚୟ ସଂଖ୍ୟା (ୟୁନିକ୍ ଆଇଡେଣ୍ଟିଫିକେସନ୍ ନମ୍ବର) ପ୍ରଦାନ କରିବେ; ଏବଂ

(ଖ) ଏପରି ସୂଚନା ମିଳିବା ତାରିଖରୁ ସାତ ଦିନ ମଧ୍ୟରେ, ଭଡ଼ା ଚୁକ୍ତିନାମାର ସବିଶେଷ ବିବରଣୀକୁ ସ୍ଥାନୀୟ ମାତୃଭାଷା କିମ୍ବା ରାଜ୍ୟର ଭାଷାରେ (ଓଡ଼ିଆରେ), ନିଜକୁ ଉପଯୁକ୍ତ ମନେହେଉଥିବା ପ୍ରଣାଳୀ ଏବଂ ଦସ୍ତାବିଜ ସହିତ ତାଙ୍କ ୱେବସାଇଟ୍‌ରେ ଅପଲୋଡ୍ କରିବେ ଏବଂ ସ୍ଥାନୀୟ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ସେହି ୱେବସାଇଟ୍ ବ୍ୟବହାର କରିବାର ସୁବିଧା (ଆକ୍ସେସ୍) ପ୍ରଦାନ କରିବେ।

(୫) ଭଡ଼ାଟିଆଙ୍କ ସହ କାରବାର କରିବା ପାଇଁ ଘରମାଲିକଙ୍କ ଦ୍ୱାରା ସମ୍ପତ୍ତି ପରିଚାଳକଙ୍କୁ (ପ୍ରପର୍ଟି ମ୍ୟାନେଜର) ଦିଆଯାଇଥିବା ଅଧିକାରର ସର୍ତ୍ତାବଳୀ, ଯଦି କିଛି ଥାଏ, ତାହା ଭଡ଼ା ଚୁକ୍ତିନାମାର ପାରସ୍ପରିକ ସହମତି ପ୍ରାପ୍ତ ସର୍ତ୍ତ ଅନୁଯାୟୀ ହେବ।

(୬) ଉପ-ଧାରା (୧) ଏବଂ (୨) ଅନ୍ତର୍ଗତ ପ୍ରଦାନ କରାଯାଇଥିବା ସୂଚନା, ଭଡ଼ା ସମ୍ବନ୍ଧୀୟ ତଥ୍ୟ ଏବଂ ତତ୍ସମ୍ବନ୍ଧୀୟ ବିଷୟଗୁଡ଼ିକର ଏକ ଚୂଡ଼ାନ୍ତ ପ୍ରମାଣ (କନକ୍ଲୁସିଭ୍ ପ୍ରୁଫ୍) ବୋଲି ଗଣ୍ୟ ହେବ, ଏବଂ କୌଣସି ସୂଚନା ପତ୍ରର ଅନୁପସ୍ଥିତିରେ, ଘରମାଲିକ ଏବଂ ଭଡ଼ାଦାର ଏହି ଅଧିନିୟମର ପ୍ରାବ୍ଧାନ ଅନୁଯାୟୀ କୌଣସି ପ୍ରକାର ଆଇନଗତ ପ୍ରତିକାର (ରିଲିଫ୍) ପାଇବାକୁ ହକଦାର ହେବେ ନାହିଁ।

୫. (୧) ଏହି ଅଧିନିୟମ ଆରମ୍ଭ ହେବା ପରେ ସ୍ୱାକ୍ଷରିତ ହେଉଥିବା ପ୍ରତ୍ୟେକ ଭଡ଼ା ଚୁକ୍ତିନାମା, ଘରମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ ସହମତି ହୋଇଥିବା ଏବଂ ଭଡ଼ା ଚୁକ୍ତିନାମାରେ ଉଲ୍ଲେଖ କରାଯାଇଥିବା ଅବଧି ପାଇଁ ବୈଧ (ଭାଲିଡ୍) ହେବ। ଭଡ଼ା ଚୁକ୍ତିନାମାର ସମୟସୀମା

(୨) ଭଡ଼ାଟିଆ, ଭଡ଼ା ଚୁକ୍ତିନାମାରେ ସହମତ ହୋଇଥିବା ଅବଧି ମଧ୍ୟରେ, ଭଡ଼ା ଅବଧିର ନବୀକରଣ (ରିନ୍ୟୁଆଲ୍) କିମ୍ବା ସମ୍ପ୍ରସାରଣ (ଏକ୍ସଟେନସନ୍) ପାଇଁ ଘରମାଲିକଙ୍କୁ ଅନୁରୋଧ କରିପାରନ୍ତି, ଏବଂ ଯଦି ଘରମାଲିକ ଏଥିରେ ସହମତ ହୁଅନ୍ତି, ତେବେ ପାରସ୍ପରିକ ସହମତି ପ୍ରାପ୍ତ ସର୍ତ୍ତାବଳୀ ଅନୁଯାୟୀ ଘରମାଲିକଙ୍କ ସହ ଏକ ନୂତନ ଭଡ଼ା ଚୁକ୍ତିନାମା କରିପାରନ୍ତି।

(୩) ଯେଉଁଠାରେ ଏକ ନିର୍ଦ୍ଧାରିତ ଅବଧିର ଭଡ଼ା ସମାପ୍ତ ହୋଇଯାଏ ଏବଂ ତାହାର ନବୀକରଣ କରାଯାଇ ନଥାଏ କିମ୍ବା ଭଡ଼ାଟିଆ ସେହି ଭଡ଼ା ଅବଧି ଶେଷରେ ପରିସର (ପ୍ରେମିସେସ୍) ଖାଲି କରିବାରେ ବିଫଳ ହୁଅନ୍ତି, ତେବେ ସେହି ଭଡ଼ାଟିଆ ଘରମାଲିକଙ୍କୁ ଧାରା ୨୩ ର ପ୍ରାବଧାନ ଅନୁଯାୟୀ ବର୍ଦ୍ଧିତ ଭଡ଼ା ଦେବାକୁ ବାଧ୍ୟ ହେବେ।

ପରନ୍ତୁ ଏହି ଧାରାରେ ଯାହା କିଛି ଉଲ୍ଲେଖ ଥିଲେ ହେଁ, ଯଦି ଭଡ଼ା ଅବଧି ଏପରି ଏକ ସମୟରେ ସମାପ୍ତ ହୁଏ ଯେତେବେଳେ ଭଡ଼ାରେ ଦିଆଯାଇଥିବା ସେହି ପରିସର ଅବସ୍ଥିତ ଥିବା ଅଞ୍ଚଳ କୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଅପ୍ରତିରୋଧ୍ୟ ପରିସ୍ଥିତି (ଫୋର୍ସ ମାଜୋର/ଦୈବୀ ଦୁର୍ବିପାକ) ଦ୍ୱାରା ପ୍ରଭାବିତ ହୋଇଥାଏ, ତେବେ ଭଡ଼ାଟିଆଙ୍କ ଅନୁରୋଧ କ୍ରମେ, ଘରମାଲିକ ସେହି ଭଡ଼ାଟିଆଙ୍କୁ ପୂର୍ବରୁ ସ୍ୱାକ୍ଷରିତ ଭଡ଼ା ଚୁକ୍ତିନାମାର ସମାନ ସର୍ତ୍ତାବଳୀ ଆଧାରରେ, ସେହି ବିପର୍ଯ୍ୟୟ ପରିସ୍ଥିତି ସମାପ୍ତ ହେବା ତାରିଖରୁ ଏକ ମାସର ଅବଧି ପର୍ଯ୍ୟନ୍ତ ଉକ୍ତ ପରିସର ନିଜ ଦଖଲରେ ରଖିବା ପାଇଁ ଅନୁମତି ଦେବେ।

**ସ୍ପଷ୍ଟୀକରଣ**:– ଏହି ଧାରାର ଉଦ୍ଦେଶ୍ୟ ପାଇଁ, "ଦୈବୀ ଦୁର୍ବିପାକ→ (force majeure) ର ଅର୍ଥ ହେଉଛି ଯୁଦ୍ଧ, ବନ୍ୟା, ମରୁଡ଼ି, ଅଗ୍ନିକାଣ୍ଡ, ବାତ୍ୟା, ଭୂମିକମ୍ପ, ମହାମାରୀ କିମ୍ବା ପ୍ରକୃତି ଦ୍ୱାରା ସୃଷ୍ଟି ହୋଇଥିବା ଅନ୍ୟ କୌଣସି ବିପର୍ଯ୍ୟୟ ପରିସ୍ଥିତି, ଯାହା ଭଡ଼ା ଦିଆଯାଇଥିବା ପରିସର ବା ଗୃହରେ ଭଡ଼ାଟିଆଙ୍କ ରହଣି/ବାସସ୍ଥାନକୁ ପ୍ରଭାବିତ କରିଥାଏ।

*୬*. ଘରମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ ସମ୍ପାଦିତ ହୋଇଥିବା ଚୁକ୍ତିନାମାର ସର୍ତ୍ତାବଳୀ, ଯଥାକ୍ରମେ ଘରମାଲିକ କିମ୍ବା ଭଡ଼ାଟିଆଙ୍କ ମୃତ୍ୟୁ ଘଟିଲେ ସେମାନଙ୍କ ଉତ୍ତରାଧିକାରୀମାନଙ୍କ ପାଇଁ ବାଧ୍ୟତାମୂଳକ ହେବ; ଏବଂ ଏପରି ପରିସ୍ଥିତିରେ, ମୃତ ଘରମାଲିକ କିମ୍ବା ଭଡ଼ାଟିଆଙ୍କ ଉତ୍ତରାଧିକାରୀମାନେ, ଉକ୍ତ ଭଡ଼ା ଚୁକ୍ତିନାମାର ବାକି ଥିବା ସମୟସୀମା ପାଇଁ ଭଡ଼ା ଚୁକ୍ତିନାମାରେ ସହମତ ହୋଇଥିବା ସମାନ ଅଧିକାର ଓ ଦାୟିତ୍ୱ ପାଇବେ। ମୃତ୍ୟୁ ଜନିତ ପରିସ୍ଥିତିରେ ଉତ୍ତରାଧିକାରୀଙ୍କ ଅଧିକାର ଏବଂ ଦାୟିତ୍ୱ ।

*୭*. (୧) ଏହି ଅଧିନିୟମ ଆରମ୍ଭ ହେବା ପରେ, କୌଣସି ଭଡ଼ାଟିଆ, ପୂର୍ବରୁ ଥିବା ଭଡ଼ା ଚୁକ୍ତିନାମାର ଏକ ପରିପୂରକ ଚୁକ୍ତିନାମା (ସପ୍ଲିମେଣ୍ଟାରୀ ଏଗ୍ରିମେଣ୍ଟ) ନକରି — ଉପ-ଭଡ଼ା (ସବ୍-ଲେଟିଙ୍ଗ୍) ଉପରେ ପ୍ରତିବନ୍ଧକ।

(କ) ତାଙ୍କ ଦ୍ୱାରା ଭଡ଼ାରେ ନିଆଯାଇଥିବା ପରିସରର (ପ୍ରେମିସେସ୍) ସମ୍ପୂର୍ଣ୍ଣ କିମ୍ବା କୌଣସି ଅଂଶକୁ ପୁନର୍ବାର ଭଡ଼ାରେ (ଉପ-ଭଡ଼ା/ସବ୍-ଲେଟ୍) ଦେଇପାରିବେ ନାହିଁ;

(ଖ) ଭଡ଼ା ଚୁକ୍ତିନାମାରେ ଥିବା ତାଙ୍କର ଅଧିକାର କିମ୍ବା ତାହାର କୌଣସି ଅଂଶକୁ ଅନ୍ୟ କାହାକୁ ହସ୍ତାନ୍ତର କିମ୍ବା ପ୍ରଦାନ କରିପାରିବେ ନାହିଁ।

(୨) ଯେଉଁଠାରେ ଉପ-ଧାରା (୧) ରେ ଉଲ୍ଲେଖିତ ବିଦ୍ୟମାନ ଭଡ଼ା ଚୁକ୍ତିନାମାର ଏକ ପରିପୂରକ ଚୁକ୍ତିନାମା କରି କୌଣସି ପରିସରକୁ ଉପ-ଭଡ଼ାରେ ଦିଆଯାଏ, ସେଠାରେ ଘରମାଲିକ ଏବଂ ଭଡ଼ାଦାର ସେହି ଚୁକ୍ତିନାମା ସମ୍ପାଦନ ହେବା ତାରିଖରୁ ଦୁଇ ମାସ ମଧ୍ୟରେ ପ୍ରଥମ ଅନୁସୂଚୀରେ (ଫାଷ୍ଟ ସେଡ୍ୟୁଲ୍) ନିର୍ଦ୍ଧାରିତ ଫର୍ମରେ, ଉକ୍ତ ଉପ-ଭଡ଼ାଟିଆ ବ୍ୟବସ୍ଥା (ସବ୍-ଟେନାନ୍ସି) ବିଷୟରେ ଭଡ଼ା ପ୍ରାଧିକରଣଙ୍କୁ (ରେଣ୍ଟ ଅଥରିଟି) ଯୌଥଭାବେ ଅବଗତ କରିବେ

## ଅଧ୍ୟାୟ III
## ଘରଭଡ଼ା

୮.କୌଣସି ଘର କିମ୍ବା ଜାଗା ପାଇଁ ଦିଆଯିବାକୁ ଥିବା ଭଡ଼ା ସେତିକି ହିଁ ହେବ, ଯାହା ଘରମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ ହୋଇଥିବା ଏଗ୍ରିମେଣ୍ଟ (ଚୁକ୍ତିନାମା) ଅନୁସାରେ ଦୁହିଁଙ୍କ ସହମତିରେ ସ୍ଥିର ହୋଇଥିବ। *ଦେୟ ଭଡ଼ା*

**୯.** (୧) ଘରମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ ଭଡ଼ା ବୃଦ୍ଧି କିମ୍ବା ସଂଶୋଧନ, ଭଡ଼ା ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ ହେବ। ଭଡ଼ା ବୃଦ୍ଧି/ପରିବର୍ତ୍ତନ

(୨) ଯଦି ଭଡ଼ାପ୍ରଥା ଆରମ୍ଭ ହେବା ପରେ, ଘରମାଲିକ ଭଡ଼ାଟିଆଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ପରିସରର (ଘର/ଜାଗାର) ଉନ୍ନତିକରଣ, ନୂତନ ନିର୍ମାଣ କିମ୍ବା ଗଠନମୂଳକ ପରିବର୍ତ୍ତନ ପାଇଁ କୌଣସି ଖର୍ଚ୍ଚ କରିଥାନ୍ତି (ଯେଉଁଥିରେ ଧାରା ୧୫ ଅନୁଯାୟୀ ଆବଶ୍ୟକ ମରାମତି କାର୍ଯ୍ୟ ସାମିଲ ନାହିଁ), ଏବଂ ଏହି କାମ ଆରମ୍ଭ ହେବା ପୂର୍ବରୁ ଘରମାଲିକ ଭଡ଼ାଟିଆଙ୍କ ସହ ଲିଖିତ ଭାବେ ଚୁକ୍ତି କରିଥାନ୍ତି, ତେବେ ଘରମାଲିକ ଉଭୟଙ୍କ ମଧ୍ୟରେ ସହମତ ହୋଇଥିବା ପରିମାଣ ଅନୁଯାୟୀ ଭଡ଼ା ବଢ଼ାଇ ପାରିବେ। ଏହିପରି ବର୍ଦ୍ଧିତ ଭଡ଼ା, କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଏକ ମାସ ପରଠାରୁ ଲାଗୁ ହେବ।

**୧୦**.ଭଡ଼ା ସଂଶୋଧନ (ବୃଦ୍ଧି) ସମ୍ପର୍କରେ ଘରମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ କୌଣସି ବିବାଦ ଦେଖାଦେଲେ, ଘରମାଲିକ କିମ୍ବା ଭଡ଼ାଟିଆଙ୍କ ଦ୍ୱାରା ଦିଆଯାଇଥିବା ଆବେଦନ ଆଧାରରେ, ଭଡ଼ା କର୍ତ୍ତୃପକ୍ଷ ସଂଶୋଧିତ ଭଡ଼ା ଏବଂ ଭଡ଼ାଟିଆଙ୍କ ଦ୍ୱାରା ଦେୟ ଅନ୍ୟାନ୍ୟ ଖର୍ଚ୍ଚ ନିର୍ଦ୍ଧାରଣ କରିପାରିବେ ଏବଂ ଏହି ସଂଶୋଧିତ ଭଡ଼ା କେଉଁ ତାରିଖରୁ ଲାଗୁ ହେବ ତାହା ମଧ୍ୟ ସ୍ଥିର କରିପାରିବେ। ବିବାଦ ସ୍ଥିତିରେ ସଂଶୋଧିତ ଭଡ଼ା ନିର୍ଦ୍ଧାରଣ କରିବା ପାଇଁ ଭଡ଼ା କର୍ତ୍ତୃପକ୍ଷ

**୧୧. (୧)** ଭଡ଼ାଟିଆଙ୍କ ଦ୍ୱାରା ଅଗ୍ରୀମ ଆକାରରେ ଦିଆଯିବାକୁ ଥିବା ସୁରକ୍ଷା ଜମା, ଘରମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ ଭଡ଼ା ଚୁକ୍ତିନାମାରେ ସହମତ ହୋଇଥିବା ଅନୁଯାୟୀ ହେବ, ଯାହାକି — (କ) ଆବାସିକ ପରିସର (ରହିବା ଘର) କ୍ଷେତ୍ରରେ, ଦୁଇ ମାସର ଭଡ଼ାରୁ ଅଧିକ ହେବ ନାହିଁ; ଏବଂ (ଖ) ଅଣ-ଆବାସିକ ପରିସର (ବ୍ୟବସାୟିକ/କମର୍ସିଆଲ୍ ଜାଗା) କ୍ଷେତ୍ରରେ, ଛଅ ମାସର ଭଡ଼ାରୁ ଅଧିକ ହେବ ନାହିଁ। ସୁରକ୍ଷା ଜମା

**୨)** ଭଡ଼ାଟିଆଙ୍କଠାରୁ ପରିସରର (ଘର/ଜାଗାର) ଖାଲି କରି ହାତକୁ ନେବା ତାରିଖରେ, ଭଡ଼ାଟିଆଙ୍କର କୌଣସି ବାକିଦେୟ ବା ଦାୟିତ୍ୱ ଥିଲେ ତାହା ସୂଚାରୁ ରୂପେ କାଟିବା ପରେ, ସୁରକ୍ଷା ଜମା ଭଡ଼ାଟିଆଙ୍କୁ ଫେରସ୍ତ କରାଯିବ।

## ଅଧ୍ୟାୟ IV
## ଘରମାଲିକଙ୍କର ଓ ଭଡ଼ାଦାରଙ୍କର ଅଧିକାର ଓ ଦାୟିତ୍ୱ

**୧୨**. ଭଡ଼ା ଚୁକ୍ତିନାମାଟି ଘରମାଲିକ ଏବଂ ଭଡ଼ାଦାର ଉଭୟଙ୍କ ଦ୍ୱାରା ଦୁଇଟି ନକଲରେ ସ୍ୱାକ୍ଷରିତ ହେବ, ଏବଂ ସେହିପରି ସ୍ୱାକ୍ଷରିତ ମୂଳ ଚୁକ୍ତିନାମାର ଗୋଟିଏ ଲେଖାଏଁ ନକଲ ଘରମାଲିକ ଏବଂ ଭଡ଼ାଟିଆ ନିଜ ନିଜ ପାଖରେ ରଖିବେ। ମୂଳ ଭଡ଼ା ଚୁକ୍ତିନାମା (Original Tenancy Agreement) ଘରମାଲିକ ଏବଂ ଭଡ଼ାଟିଆ ଉଭୟଙ୍କ ଦ୍ୱାରା ରଖାଯିବ

**୧୩**. (୧) ପ୍ରତ୍ୟେକ ଭଡ଼ାଟିଆ, ଭଡ଼ା ଚୁକ୍ତିନାମାରେ ସହମତ ହୋଇଥିବା ସମୟସୀମା ମଧ୍ୟରେ ଭଡ଼ା ଏବଂ ଦେୟ ଥିବା ଅନ୍ୟାନ୍ୟ ଖର୍ଚ୍ଚ ପରିଶୋଧ କରିବେ। ଦେୟ ଭଡ଼ା ଏବଂ ଅନ୍ୟାନ୍ୟ ଖର୍ଚ୍ଚ, ଏବଂ ତାହାର ପରିଶୋଧର ରସିଦ

(୨) ପ୍ରତ୍ୟେକ ଘରମାଲିକ କିମ୍ବା ତାଙ୍କର ସମ୍ପତ୍ତି ପରିଚାଳକ, ଭଡ଼ା ଚୁକ୍ତିନାମାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଭଡ଼ାଦାରଙ୍କଠାରୁ ଭଡ଼ା ଏବଂ ଅନ୍ୟାନ୍ୟ ଦେୟ ରାଶି ପାଇବା ପରେ, ସେହି ମିଳିଥିବା ଅର୍ଥ ପାଇଁ ନିଜ ସ୍ୱାକ୍ଷର ସମ୍ବଳିତ ଏକ ରସିଦ ତୁରନ୍ତ ଏକ ସ୍ୱୀକୃତିପତ୍ର ବଦଳରେ ପ୍ରଦାନ କରିବେ:

*ତେବେ ସର୍ତ୍ତ ଏହିକି ଯେ, ଯଦି ଭଡ଼ାଟିଆଙ୍କ ଦ୍ୱାରା ଘରମାଲିକଙ୍କୁ ଭଡ଼ା କିମ୍ବା ଅନ୍ୟାନ୍ୟ ଖର୍ଚ୍ଚର ପରିଶୋଧ ଇଲେକ୍ଟ୍ରୋନିକ ମାଧ୍ୟମ ଦ୍ୱାରା କରାଯାଇଥାଏ, ତେବେ ବ୍ୟାଙ୍କର ସ୍ୱୀକୃତିପତ୍ର ହିଁ ସେହି ପରିଶୋଧର ଚୂଡ଼ାନ୍ତ ପ୍ରମାଣ ଭାବେ ଗଣ୍ୟ ହେବ।*

.

**୧୪.** (୧) ଯଦି ଘରମାଲିକ କୌଣସି ଭଡ଼ା ଏବଂ ଦେୟ ଅନ୍ୟାନ୍ୟ ଖର୍ଚ୍ଚ ଗ୍ରହଣ କରିବାକୁ ମନା କରନ୍ତି କିମ୍ବା ରସିଦ ଦେବାକୁ ମନା କରନ୍ତି, ତେବେ ସେହି ଭଡ଼ା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଘରମାଲିକଙ୍କୁ କ୍ରମାଗତ ଭାବେ ଦୁଇ ମାସ ପାଇଁ ଡାକ ମନି ଅର୍ଡର (Postal Money Order) ବା ନିର୍ଦ୍ଧାରିତ ଅନ୍ୟ କୌଣସି ପଦ୍ଧତି ଦ୍ୱାରା ପଠାଯିବ। ଏବଂ ଯଦି ଘରମାଲିକ ସେହି ସମୟ ମଧ୍ୟରେ ମଧ୍ୟ ଭଡ଼ା ଓ ଅନ୍ୟାନ୍ୟ ଖର୍ଚ୍ଚ ଗ୍ରହଣ କରିବାକୁ ମନା କରନ୍ତି, ତେବେ ଭଡ଼ାଟିଆ ସେହି ଅର୍ଥକୁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ଭଡ଼ା କର୍ତ୍ତୃପକ୍ଷ (Rent Authority) ଙ୍କ ନିକଟରେ ଜମା କରିପାରିବେ।

ଭଡ଼ା କର୍ତ୍ତୃପକ୍ଷ (Rent Authority) ଙ୍କ ନିକଟରେ ଭଡ଼ା ଜମା କରିବା.

(୨) ଯଦି ଭଡ଼ା ଚୁକ୍ତିନାମା ଅବଧି ମଧ୍ୟରେ ଭଡ଼ାଦାର ଏହା ସ୍ଥିର କରିବାରେ ଅସମର୍ଥ ହୁଅନ୍ତି ଯେ ଭଡ଼ା ପ୍ରକୃତରେ କାହାକୁ ଦେବାକୁ ହେବ, ତେବେ ସେହି କ୍ଷେତ୍ରରେ ଭଡ଼ାଦାର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଭଡ଼ା କର୍ତ୍ତୃପକ୍ଷ (Rent Authority) ଙ୍କ ନିକଟରେ ଭଡ଼ା ଜମା କରିପାରିବେ।

(୩) ଯେଉଁଠାରେ ଉପ-ଧାରା (୧) କିମ୍ବା ଉପ-ଧାରା (୨) ଅନୁଯାୟୀ ଭଡ଼ା ଜମା କରାଯାଏ, ସେଠାରେ ଭଡ଼ା କର୍ତ୍ତୃପକ୍ଷ ମାମଲାର ଯାଞ୍ଚ/ତଦନ୍ତ କରିବେ ଯେ ଭଡ଼ା ପ୍ରକୃତରେ କାହାକୁ ଦେବା କଥା ଏବଂ ମାମଲାର ସତ୍ୟାସତ୍ୟ ଆଧାରରେ ଉପଯୁକ୍ତ ଆଦେଶ ଦେବେ।

(୪) ଉପ-ଧାରା (୧) କିମ୍ବା ଉପ-ଧାରା (୨) ଅଧୀନରେ ଜମା ହୋଇଥିବା ଭଡ଼ା ଏବଂ ଅନ୍ୟାନ୍ୟ ଦେୟ ଖର୍ଚ୍ଚକୁ ଘରମାଲିକ ଯଦି ଚୁକ୍ତିନାମା ଅନୁଯାୟୀ ସ୍ଥିର ହୋଇଥିବା ଭଡ଼ା ସୀମା ପର୍ଯ୍ୟନ୍ତ ପ୍ରତ୍ୟାହାର (ଉଠାଣ) କରନ୍ତି, ତେବେ କେବଳ ସେହି କାରଣରୁ ଏହା ଘରମାଲିକଙ୍କ ବିରୁଦ୍ଧରେ କୌଣସି ସ୍ୱୀକାରୋକ୍ତି କିମ୍ବା ଭଡ଼ାଟିଆଙ୍କ ଦ୍ୱାରା କରାଯାଇଥିବା ଅନ୍ୟ କୌଣସି ଦାବିର ସ୍ୱୀକୃତି ବୋଲି ଗଣ୍ୟ ହେବ ନାହିଁ।

.

୧୫. (୧) କୌଣସି ବିପରୀତ ଲିଖିତ ଚୁକ୍ତିନାମା ଥାଉନା କାହିଁକି, ଘରମାଲିକ ଏବଂ ଭଡ଼ାଦାର ପରିସରକୁ (ଘରକୁ) ଭଡ଼ା ଆରମ୍ଭ ସମୟରେ ଯେପରି ଭଲ ସ୍ଥିତିରେ ଥିଲା ସେହିପରି ସ୍ଥିତିରେ ରଖିବେ (ସାଧାରଣ ବ୍ୟବହାର ଜନିତ କ୍ଷୟକ୍ଷତି ବା normal wear and tear କୁ ବାଦ୍ ଦେଇ) ଏବଂ ଦ୍ୱିତୀୟ ଅନୁସୂଚୀରେ (Second Schedule) ଉଲ୍ଲେଖ ଥିବା କିମ୍ବା ଭଡ଼ା ଚୁକ୍ତିନାମାରେ ସହମତ ହୋଇଥିବା ଅନୁଯାୟୀ ସେମାନେ ନିଜ ନିଜର ଦାୟିତ୍ୱ ମୁତାବକ ଉକ୍ତ ପରିସରର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଦାୟୀ ରହିବେ।

ସମ୍ପତ୍ତିର ମରାମତି ଏବଂ ରକ୍ଷଣାବେକ୍ଷଣ।

(୨) ଅନ୍ୟ ଭଡ଼ାଟିଆମାନଙ୍କ ସହ କିମ୍ବା ଘରମାଲିକଙ୍କ ସହ ମିଳିତ ଭାବେ ବ୍ୟବହାର କରାଯାଉଥିବା ସାଧାରଣ ସୁବିଧାଗୁଡ଼ିକ (Common Facilities) କ୍ଷେତ୍ରରେ, ସେଗୁଡ଼ିକର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇ ଘରମାଲିକ ଓ ଭଡ଼ାଦାରଙ୍କର ନିଜ ନିଜର ଦାୟିତ୍ୱ ଭଡ଼ା ଚୁକ୍ତିନାମାରେ ଉଲ୍ଲେଖ ଥିବା ଅନୁଯାୟୀ ହେବ।

(୩) ଯଦି ଭଡ଼ାଦାର ଉପ-ଧାରା (୧) କିମ୍ବା ଉପ-ଧାରା (୨) ରେ ଉଲ୍ଲେଖ ଥିବା ତାଙ୍କ ଭାଗର ମରାମତି କାର୍ଯ୍ୟ କରିବାରେ ବିଫଳ ହୁଅନ୍ତି ବା ମନା କରନ୍ତି, ତେବେ ଘରମାଲିକ ନିଜେ ସେହି ମରାମତି କରିପାରିବେ କିମ୍ବା ଘରମାଲିକଙ୍କ ବିନା ସହମତିରେ ଭଡ଼ାଟିଆଙ୍କ ଦ୍ୱାରା ନିର୍ମିତ ଅତିରିକ୍ତ ଗଠନକୁ ହଟାଇ ପାରିବେ। ଏହିପରି ମରାମତି ବା ହଟାଇବା ପାଇଁ ହୋଇଥିବା ଖର୍ଚ୍ଚକୁ ସେ ସୁରକ୍ଷା ଜମା (Security Deposit) ରୁ କାଟିପାରିବେ ଏବଂ ସେହି କଟାଯାଇଥିବା ଟଙ୍କାକୁ ଭଡ଼ାଟିଆ, ଘରମାଲିକଙ୍କ ଦ୍ୱାରା ନୋଟିସ ଜାରି ହେବାର ଏକ ମାସ ମଧ୍ୟରେ ପୁଣି ଭରଣା (ପୈଠ) କରିବେ: *ତେବେ ସର୍ତ୍ତ ଏହିକି ଯେ, ଯଦି ସେହି ମରାମତି ଖର୍ଚ୍ଚ ସୁରକ୍ଷା ଜମା ରାଶିଠାରୁ ଅଧିକ ହୁଏ, ତେବେ ଭଡ଼ାଟିଆ ସେହି ଅଧିକ ହୋଇଥିବା ଖର୍ଚ୍ଚ ସହ ସୁରକ୍ଷା ଜମାରୁ କଟାଯାଇଥିବା ସମ୍ପୂର୍ଣ୍ଣ ଟଙ୍କା ଘରମାଲିକଙ୍କୁ, ନୋଟିସ ଜାରି ହେବାର ଏକ ମାସ ମଧ୍ୟରେ ଦେବାକୁ ବାଧ୍ୟ ରହିବେ।*

(୪) ଯଦି ଘରମାଲିକ ଉପ-ଧାରା (୧) କିମ୍ବା ଉପ-ଧାରା (୨) ରେ ଉଲ୍ଲେଖ ଥିବା ତାଙ୍କ ଭାଗର ମରାମତି କାର୍ଯ୍ୟ କରିବାକୁ ମନା କରନ୍ତି, ତେବେ ଭଡ଼ାଦାର ନିଜେ ସେହି ମରାମତି କାର୍ଯ୍ୟ କରିପାରିବେ ଏବଂ ସେଥିପାଇଁ ହୋଇଥିବା ଖର୍ଚ୍ଚକୁ ଆଗାମୀ ମାସଗୁଡ଼ିକର ଦେୟ ଭଡ଼ାରୁ କାଟିପାରିବେ: *ତେବେ ସର୍ତ୍ତ ଏହିକି ଯେ, କୌଣସି ବି ପରିସ୍ଥିତିରେ ଗୋଟିଏ ମାସର ଭଡ଼ାରୁ କଟାଯାଉଥିବା ରାଶି ସେହି ମାସର ସ୍ଥିର ହୋଇଥିବା ସେହି ମାସିକ ଭଡ଼ାର ଶତକଡ଼ା ପଚାଶ ଭାଗ (୫୦%) ରୁ ଅଧିକ ହେବ ନାହିଁ।*

(୫) ଯେଉଁଠାରେ ଆବଶ୍ୟକ ମରାମତି ବିନା ଘରଟି ରହିବା ଅଯୋଗ୍ୟ ହୋଇଯାଏ ଏବଂ ଭଡ଼ାଟିଆଙ୍କ ଦ୍ୱାରା ଲିଖିତ ଭାବେ ଅନୁରୋଧ କରାଯିବା ସତ୍ତ୍ୱେ ଘରମାଲିକ ସେହି ଆବଶ୍ୟକ ମରାମତି କରିବାକୁ ମନା କରନ୍ତି, ତେବେ ଭଡ଼ାଟିଆ ଘରମାଲିକଙ୍କୁ ପନ୍ଦର (୧୫) ଦିନର ଲିଖିତ

ନୋଟିସ ଦେଇ ସେହି ଘର ଖାଲି କରି ଚାଲିଯାଇପାରନ୍ତି।

(୬) ଯେଉଁଠାରେ ଭଡ଼ାରେ ଦିଆଯାଇଥିବା ଘରଟି କୌଣସି ଦୈବୀ ଦୁର୍ବିପାକ ବା ଅପ୍ରତିରୋଧ୍ୟ ପରିସ୍ଥିତି ଯୋଗୁଁ ଭଡ଼ାଦାରଙ୍କ ପାଇଁ ରହିବା ଅଯୋଗ୍ୟ ହୋଇଯାଏ କିମ୍ବା ଭଡ଼ାଦାର ସେହି କାରଣରୁ ସେଠାରେ ରହିବାକୁ ଅସମର୍ଥ ହୁଅନ୍ତି, ତେବେ ଘରମାଲିକଙ୍କ ଦ୍ୱାରା ଉକ୍ତ ଘରକୁ ପୁଣିଥରେ ରହିବା ଯୋଗ୍ୟ କରାଯିବା ପର୍ଯ୍ୟନ୍ତ ସେ ଭଡ଼ାଦାରଙ୍କଠାରୁ ଭଡ଼ା ନେବେ ନାହିଁ: *ତେବେ ସର୍ତ୍ତ ଏହିକି ଯେ, ଯେଉଁଠାରେ ଭଡ଼ା ଘରଟି ଉପ-ଧାରା (୫) କିମ୍ବା ଏହି ଉପ-ଧାରା ଅନୁଯାୟୀ ରହିବା ଅଯୋଗ୍ୟ ହୋଇଯାଏ ଏବଂ ଘରମାଲିକ ତାକୁ ରହିବା ଯୋଗ୍ୟ କରିବା ପାଇଁ ଆବଶ୍ୟକ ମରାମତି କରିବାରେ ବିଫଳ ହୁଅନ୍ତି କିମ୍ବା ଉକ୍ତ ଘରକୁ ରହିବା ଯୋଗ୍ୟ କରାଯାଇପାରିବ ନାହିଁ, ତେବେ ଘରମାଲିକ ନୋଟିସ ଅବଧି ଶେଷ ହେବାର ପନ୍ଦର (୧୫) ଦିନ ମଧ୍ୟରେ ଭଡ଼ାଦାରଙ୍କର କୌଣସି ବାକିଦେୟ ଥିଲେ ତାହା ସଠିକ୍ ଭାବେ କାଟି ସୁରକ୍ଷା ଜମା ଏବଂ ଅଗ୍ରୀମ ଭଡ଼ା ଟଙ୍କା ଭଡ଼ାଟିଆଙ୍କୁ ଫେରସ୍ତ କରିବେ।*

ସ୍ୱଷ୍ଟୀକରଣ:— ଏହି ଧାରାର ଉଦ୍ଦେଶ୍ୟ ପାଇଁ, ଦୈବୀ ଦୁର୍ବିପାକ ଅର୍ଥ ହେଉଛି ଯୁଦ୍ଧ, ବନ୍ୟା, ମରୁଡ଼ି, ଅଗ୍ନିକାଣ୍ଡ, ବାତ୍ୟା, ଭୂକମ୍ପ କିମ୍ବା ପ୍ରକୃତି ଦ୍ୱାରା ସୃଷ୍ଟି ହୋଇଥିବା ଅନ୍ୟ କୌଣସି ବିପତ୍ତି, ଯାହା ଭଡ଼ା ଘରେ ଭଡ଼ାଟିଆଙ୍କ ରହିବାକୁ ପ୍ରଭାବିତ କରିଥାଏ।

ଭଡ଼ାଦାର ପରିସରର (ଘର/ଜାଗାର) ଦେଖାଶୁଣା କରିବେ।

**୧୬**. ଭଡ଼ା ଅବଧି ବଳବତ୍ତର ଥିବା ସମୟରେ, ଭଡ଼ାଟିଆ —

(କ) ଉଦ୍ଦେଶ୍ୟମୂଳକ ଭାବେ କିମ୍ବା ଅବହେଳା କରି ପରିସରର (ଘରର) କୌଣସି କ୍ଷତି କରିବେ ନାହିଁ କିମ୍ବା ଅନ୍ୟ କାହା ଦ୍ୱାରା ଏପରି କ୍ଷତି କରାଇବାକୁ ପ୍ରଶ୍ରୟ ଦେବେ ନାହିଁ।

(ଭ) କୌଣସି ବି ପ୍ରକାରର କ୍ଷତି ସମ୍ପର୍କରେ ଘରମାଲିକଙ୍କୁ ଲିଖିତ ଭାବେ ସୂଚିତ କରିବେ; ପରିସର ଏବଂ ଏଥିରେ ଥିବା ସମସ୍ତ ସାମଗ୍ରୀ, ଯେପରିକି ଫିଟିଙ୍ଗସ୍ ଏବଂ ଫିକ୍ସଚର୍ସ (Electrical/Plumbing fittings ଇତ୍ୟାଦି) ର ଉପଯୁକ୍ତ ଯତ୍ନ ନେବେ। ଏବଂ ଭଡ଼ା ଆରମ୍ଭ ସମୟରେ ଘରର ଯେପରି ସ୍ଥିତି ଥିଲା ଏବଂ ସାଧାରଣ ଜୀବନଯାପନର ପ୍ରକ୍ରିୟାକୁ ଧ୍ୟାନରେ ରଖି ଘରକୁ ଯଥାସମ୍ଭବ ରହିବା ଯୋଗ୍ୟ କରି ରଖିବେ।

***ପରିସରରେ ପ୍ରବେଶ.***

**୧୭**. (୧) ପ୍ରତ୍ୟେକ ଘରମାଲିକ କିମ୍ବା ସମ୍ପତ୍ତି ପରିଚାଳକ, ଭଡ଼ାଦାରଙ୍କୁ ସେମାନଙ୍କର ପ୍ରବେଶ ସମୟର ଅତିକମରେ ଚବିଶ (୨୪) ଘଣ୍ଟା ପୂର୍ବରୁ ଲିଖିତ ଭାବେ କିମ୍ବା ଇଲେକ୍ଟ୍ରୋନିକ ମାଧ୍ୟମରେ (ମେସେଜ୍/ଇମେଲ୍) ନୋଟିସ ଦେବା ପରେ, ନିମ୍ନଲିଖିତ ପରିସ୍ଥିତିଗୁଡ଼ିକରେ ଭଡ଼ା ଘରେ ପ୍ରବେଶ କରିପାରିବେ, ଯଥା:—

(କ) ପରିସରରେ (ଘରେ) ମରାମତି ବା ବଦଳ କରିବା କାର୍ଯ୍ୟ ପାଇଁ କିମ୍ବା କୌଣସି କାମ ନିଜେ କରିବା ବା ଅନ୍ୟ କାହା ଦ୍ୱାରା କରାଇବା ପାଇଁ; କିମ୍ବା

(ଖ) ଘରଟି ରହିବା ଯୋଗ୍ୟ ସ୍ଥିତିରେ ଅଛି କି ନାହିଁ, ତାହା ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ଘରର ଯାଞ୍ଚ/ଇନ୍ସପେକ୍ସନ କରିବା ପାଇ; କିମ୍ବା

(ଗ) ଭଡ଼ା ଚୁକ୍ତିନାମାରେ ଉଲ୍ଲେଖ ଥିବା ଅନ୍ୟ କୌଣସି ଯୁକ୍ତିଯୁକ୍ତ କାରଣ ପାଇଁ।

(୨) ଉପ-ଧାରା (୧) ରେ ଉଲ୍ଲେଖ ଥିବା ନୋଟିସରେ ଘରେ ପ୍ରବେଶ କରିବାର ଦିନ, ସମୟ ଏବଂ କାରଣ ସ୍ୱଷ୍ଟ ଭାବେ ଲେଖାଯିବ: *ତେବେ ସର୍ତ୍ତ ଏହିକି ଯେ, କୌଣସି ବି ବ୍ୟକ୍ତି ସୂର୍ଯ୍ୟୋଦୟ ପୂର୍ବରୁ ଏବଂ ସୂର୍ଯ୍ୟାସ୍ତ ପରେ (ରାତି ସମୟରେ) ଭଡ଼ା ଘରେ ପ୍ରବେଶ କରିପାରିବେ ନାହିଁ। ପରନ୍ତୁ ସର୍ତ୍ତ ଏହିକି ଯେ, ଯୁଦ୍ଧ, ବନ୍ୟା, ଅଗ୍ନିକାଣ୍ଡ, ବାତ୍ୟା, ଭୂକମ୍ପ କିମ୍ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଭଳି ଜରୁରୀକାଳୀନ ପରିସ୍ଥିତି, ଯାହା ସେହି ଘରକୁ ପ୍ରଭାବିତ କରିପାରେ, ସେଭଳି କ୍ଷେତ୍ରରେ ଘରମାଲିକଙ୍କୁ ଭଡ଼ାଟିଆଙ୍କ ବିନା ପୂର୍ବ ସୂଚନାରେ ଭଡ଼ା ଘରେ ପ୍ରବେଶ କରିବାରୁ ଏହି ଧାରାର କୌଣସି ନିୟମ ବାରଣ କରିବ ନାହିଁ।*

.

**୧୮.** ଯଦି ଘରମାଲିକ ଜଣେ ସମ୍ପତ୍ତି ପରିଚାଳକଙ୍କୁ ନିଯୁକ୍ତ କରିଥାନ୍ତି, ତେବେ ଘରମାଲିକ ଭଡ଼ାଟିଆଙ୍କୁ ନିମ୍ନଲିଖିତ ସୂଚନା ପ୍ରଦାନ କରିବେ, ଯଥା:—

ସମ୍ପତ୍ତି ପରିଚାଳକ (Property Manager) ଙ୍କ ସମ୍ପର୍କରେ ସୂଚନା।

(କ) ସମ୍ପତ୍ତି ପରିଚାଳକଙ୍କ ନାମ;

(ଖ) ସେହି ସମ୍ପତ୍ତି ପରିଚାଳକ ଯେ ଘରମାଲିକଙ୍କ ଦ୍ୱାରା ଅଧିକୃତ, ତାହାର ପ୍ରମାଣପତ୍ର;

(ଗ) କେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟଗୁଡ଼ିକ ପାଇଁ ଘରମାଲିକଙ୍କ ଦ୍ୱାରା ସମ୍ପତ୍ତି ପରିଚାଳକଙ୍କୁ କ୍ଷମତା ଦିଆଯାଇଛି ଏବଂ ସେହି ଅଧିକାରର ଅବଧି (ସମୟସୀମା);

(ଘ) ଯଦି ସମ୍ପତ୍ତି ପରିଚାଳକ ଜଣେ ଆଇନଗତ ସଂସ୍ଥା ହୋଇଥାନ୍ତି, ତେବେ ସେହି ସଂସ୍ଥାର ନାମ ଏବଂ ସେହି ସଂସ୍ଥା ଦ୍ୱାରା ଏହି ବାବଦରେ ଅଧିକୃତ ହୋଇଥିବା ବ୍ୟକ୍ତିଙ୍କ ବିବରଣୀ, ଯାହାଙ୍କ ସହ ଭଡ଼ା ଚୁକ୍ତିନାମା ସମ୍ପର୍କରେ ଯୋଗାଯୋଗ କରାଯାଇପାରିବ।

**୧୯**. (୧) ସମ୍ପତ୍ତି ପରିଚାଳକଙ୍କ କର୍ତ୍ତବ୍ୟଗୁଡ଼ିକ ମଧ୍ୟରେ ନିମ୍ନଲିଖିତ ବିଷୟଗୁଡ଼ିକ ସାମିଲ ହେବ, ଯଥା:—

ସମ୍ପତ୍ତି ପରିଚାଳକ (Property Manager) ଙ୍କ କର୍ତ୍ତବ୍ୟ ଏବଂ କର୍ତ୍ତବ୍ୟ ଉଲ୍ଲଂଘନର ପରିଣାମ।

(କ) ରସିଦ ବଦଳରେ ଭଡ଼ା ଆଦାୟ କରିବା;

(ଖ) ଘରମାଲିକଙ୍କ ପକ୍ଷରୁ ଆବଶ୍ୟକୀୟ ବା ଜରୁରୀ ମରାମତି କାର୍ଯ୍ୟ କରିବା;

(ଗ) ସମୟ ସମୟରେ ପରିସରର (ଘରର) ଯାଞ୍ଚ/ଇନ୍ସପେକ୍ସନ କରିବା;

(ଘ) ନିମ୍ନଲିଖିତ ବିଷୟଗୁଡ଼ିକ ପାଇଁ ଭଡ଼ାଦାରଙ୍କୁ ନୋଟିସ ପ୍ରଦାନ କରିବା—

(i) ଘରର ସଠିକ୍ ରକ୍ଷଣାବେକ୍ଷଣ ପାଇଁ;

(ii) ଭଡ଼ା ଦେବାରେ ବିଳମ୍ବ ହେଲେ;

(iii) ଭଡ଼ା ସଂଶୋଧନ (ବୃଦ୍ଧି) ପାଇଁ;

(iv) ଘର ଖାଲି କରିବା ପାଇଁ;

(v) ଭଡ଼ା ଚୁକ୍ତିନାମାର ନବୀକରଣ ପାଇଁ;

(ଙ) ଭଡ଼ାଟିଆମାନଙ୍କ ମଧ୍ୟରେ କିମ୍ବା ଘରମାଲିକ ଏବଂ ଭଡ଼ାଦାରଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦର ସମାଧାନ କରିବାରେ ସାହାଯ୍ୟ କରିବା;

(ଚ) ଭଡ଼ା ସମ୍ପର୍କିତ ଅନ୍ୟ କୌଣସି ବିଷୟ, ଯାହା ଉପରେ କେବଳ ଘରମାଲିକଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟ କରାଯିବ।

(୨) ଯଦି ସମ୍ପତ୍ତି ପରିଚାଳକ ଉପ-ଧାରା (୧) ର ନିୟମଗୁଡ଼ିକର ବିରୁଦ୍ଧରେ ଯାଇ କାର୍ଯ୍ୟ କରନ୍ତି କିମ୍ବା ଘରମାଲିକଙ୍କ ନିର୍ଦ୍ଦେଶ ବିରୁଦ୍ଧରେ କାର୍ଯ୍ୟ କରନ୍ତି, ତେବେ ଘରମାଲିକ କିମ୍ବା ଭଡ଼ାଦାରଙ୍କ ଦ୍ୱାରା ଦିଆଯାଇଥିବା ଆବେଦନ ଆଧାରରେ, ଭଡ଼ା କର୍ତ୍ତୃପକ୍ଷ ସେହି ସମ୍ପତ୍ତି ପରିଚାଳକଙ୍କୁ ପଦରୁ ହଟାଇ ପାରିବେ କିମ୍ବା ତାଙ୍କ ଉପରେ ଜରିମାନା/ଖର୍ଚ୍ଚ ଲଗାଇ ପାରିବେ, ଯଦ୍ଦ୍ୱାରା ସେହି ନିୟମ ଉଲ୍ଲଂଘନ ଯୋଗୁଁ ଘରମାଲିକ ବା ଭଡ଼ାଦାରଙ୍କର ହୋଇଥିବା କ୍ଷତିର ଭରଣା କରାଯାଇପାରିବ।

**୨୦**. (୧) କୌଣସି ବି ଘରମାଲିକ କିମ୍ବା ସମ୍ପତ୍ତି ପରିଚାଳକ (Property Manager), ନିଜେ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ମାଧ୍ୟମରେ, ଭଡ଼ାଦାର ରହୁଥିବା ପରିସରର (ଘରର) କୌଣସି ବି ଜରୁରୀ ଯୋଗାଣ କିମ୍ବା ସେବାକୁ ଅଟକାଇ ବା ବନ୍ଦ କରିପାରିବେ ନାହିଁ।

ଜରୁରୀକାଳୀନ ଯୋଗାଣ କିମ୍ବା ସେବାକୁ ଅଟକାଇବା ବା ବନ୍ଦ କରିବା

(୨) ଉପ-ଧାରା (୧) ର ନିୟମ ଉଲ୍ଲଂଘନ ହେବା କ୍ଷେତ୍ରରେ ଏବଂ ଭଡ଼ାଦାରଙ୍କ ଦ୍ୱାରା ଏହି ବାବଦରେ ଆବେଦନ କରାଗଲେ, ଭଡ଼ା କର୍ତ୍ତୃପକ୍ଷ ମାମଲାର ଯାଞ୍ଚ କରିବେ। ଉପ-ଧାରା (୩) ଅନୁଯାୟୀ ହେବାକୁ ଥିବା ସମ୍ପୂର୍ଣ୍ଣ ତଦନ୍ତ ବାକି ଥିବା ସମୟରେ ମଧ୍ୟ, ସେ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ଜାରି କରିପାରିବେ, ଯେଉଁଥିରେ ଘରମାଲିକ କିମ୍ବା ସମ୍ପତ୍ତି ପରିଚାଳକଙ୍କୁ ନୋଟିସ ମିଳିବା ମାତ୍ରେ ତୁରନ୍ତ ସେହି ଜରୁରୀ ସେବା ପୁନର୍ବାର ଚାଲୁ କରିବାକୁ ନିର୍ଦ୍ଦେଶ ଦିଆଯିବ।

(୩) ଭଡ଼ା କର୍ତ୍ତୃପକ୍ଷ, ଉପ-ଧାରା (୨) ଅଧୀନରେ ଭଡ଼ାଟିଆଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉପରେ ଏକ ତଦନ୍ତ କରିବେ ଏବଂ ଆବେଦନ ଦାଖଲ ହେବାର ଏକ ମାସ ମଧ୍ୟରେ ଏହି ତଦନ୍ତ ଶେଷ କରିବେ।

(୪) ଉଭୟ ପକ୍ଷଙ୍କୁ ଶୁଣାଣିର ଯୁକ୍ତିଯୁକ୍ତ ସୁଯୋଗ ଦେବା ପରେ, ଭଡ଼ା କର୍ତ୍ତୃପକ୍ଷ ଜରୁରୀ ଯୋଗାଣ ବନ୍ଦ କରିବା ପାଇଁ ଦାୟୀ ବ୍ୟକ୍ତିଙ୍କ ଉପରେ ସର୍ବାଧିକ ଦୁଇ ମାସର ଭଡ଼ା ସମାନ ଅର୍ଥର କ୍ଷତିପୂରଣ (Compensation) ଲଗାଇ ପାରିବେ, ଯାହା ଭଡ଼ାଦାରଙ୍କର ହୋଇଥିବା କ୍ଷତିର ଭରଣା ପାଇଁ ଦିଆଯିବ।

(୫) ଯଦି ଭଡ଼ା କର୍ତ୍ତୃପକ୍ଷ ଜାଣିବାକୁ ପାଆନ୍ତି ଯେ ଭଡ଼ାଦାରଙ୍କ ଦ୍ୱାରା କରାଯାଇଥିବା ଆବେଦନଟି ମିଥ୍ୟା, ଭିତ୍ତିହୀନ କିମ୍ବା କେବଳ ହଇରାଣ କରିବା ଉଦ୍ଦେଶ୍ୟରେ କରାଯାଇଥିଲା, ତେବେ ସେ

ଭଡ଼ାଟିଆଙ୍କ ଉପରେ ମାସିକ ଭଡ଼ାର ସର୍ବାଧିକ ଦୁଇଗୁଣ ପର୍ଯ୍ୟନ୍ତ ଜରିମାନା  ଲଗାଇ ପାରିବେ।

ସ୍ପଷ୍ଟୀକରଣ:— ଏହି ଧାରାର ଉଦ୍ଦେଶ୍ୟ ପାଇଁ, "ଜରୁରୀ ସେବା→ ମଧ୍ୟରେ ପାଣି, ବିଜୁଳି, ପାଇପ୍ ରନ୍ଧନ ଗ୍ୟାସ୍ ଯୋଗାଣ, ଯାତାୟାତ ସ୍ଥାନ ବା କରିଡରର ଲାଇଟ୍, ଲିଫ୍ଟ ଏବଂ ପାହାଚର ଲାଇଟ୍, ସଫେଇ ବ୍ୟବସ୍ଥା, ପାର୍କିଂ, ଯୋଗାଯୋଗ ମାଧ୍ୟମ, ସାନିଟାରୀ ସେବା ଏବଂ ସୁରକ୍ଷା ସମ୍ବନ୍ଧୀୟ ଜିନିଷପତ୍ର ସାମିଲ ଅଟେ।

## ଅଧ୍ୟାୟ V
## **ଘରମାଲିକ ଭଡ଼ାଘରକୁ ପୁଣି ନିଜ ଦଖଲକୁ ନେବା**

**୨୧.** (୧) ଭଡ଼ା ଚୁକ୍ତିନାମା  ବଳବତ୍ତର ଥିବା ସମୟରେ ଜଣେ ଭଡ଼ାଦାରଙ୍କୁ ଘରୁ ବେଦଖଲ (ବାହାର) କରାଯାଇପାରିବ ନାହିଁ, ଯଦି ସେହି ପର୍ଯ୍ୟନ୍ତ ଘରମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ ଏହି ବାବଦରେ କୌଣସି ଲିଖିତ ସହମତି ହୋଇନଥାଏ। କେବଳ ଉପ-ଧାରା (୨) କିମ୍ବା ଧାରା ୨୨ ର ନିୟମ ଅନୁଯାୟୀ ହିଁ ବେଦଖଲ କରାଯାଇପାରିବ। ଘରମାଲିକଙ୍କ ଦ୍ୱାରା ଭଡ଼ାଦାରଙ୍କୁ ବେଦଖଲ କରିବା (ଘରୁ ବାହାର କରିବା) ଏବଂ ପରିସରର (ଘରର) ଦଖଲ ପୁନର୍ବାର ପ୍ରାପ୍ତ କରିବା।

ଭଡ଼ା ଅଦାଲତ, ଘରମାଲିକଙ୍କ ଦ୍ୱାରା ନିର୍ଦ୍ଧାରିତ ପଦ୍ଧତିରେ କରାଯାଇଥିବା ଆବେଦନ ଆଧାରରେ, ନିମ୍ନଲିଖିତ କାରଣଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ କାରଣ ପାଇଁ ଭଡ଼ାଦାରଙ୍କୁ ବେଦଖଲ କରିବା ଏବଂ ପରିସରର (ଘରର) ଦଖଲ ପୁନର୍ବାର ମାଲିକଙ୍କୁ ହସ୍ତାନ୍ତର କରିବା ପାଇଁ ଆଦେଶ ଦେଇପାରିବେ, ଯଥା: -

(କ) ଭଡ଼ାଦାର ଧାରା ୮ ଅନୁଯାୟୀ ସଂଶୋଧିତ ବା ବଢ଼ାଯାଇଥିବା ଭଡ଼ା ଦେବାକୁ ରାଜି ନହେଲେ;

(ଖ) ଭଡ଼ାଦାର ଲଗାତାର ଦୁଇ ମାସ ପର୍ଯ୍ୟନ୍ତ ବାକି ଥିବା ଭଡ଼ା ଏବଂ ଅନ୍ୟାନ୍ୟ ଦେୟ ସମ୍ପୂର୍ଣ୍ଣ ଭାବେ ଦେଇନଥାନ୍ତି, ଏବଂ ଟ୍ରାନ୍ସଫର ଅଫ୍ ପ୍ରପର୍ଟି ଆକ୍ଟ, ୧୮୮୨ ର ଧାରା ୧୦୬ (୪) ଅନୁଯାୟୀ ଘରମାଲିକଙ୍କ ଦ୍ୱାରା ବାକି ଭଡ଼ା ଦେବା ପାଇଁ ପଠାଯାଇଥିବା ଚିଠି/ନୋଟିସ ପାଇବାର ଏକ ମାସ ମଧ୍ୟରେ ବି ଚୁକ୍ତିନାମା ଅନୁଯାୟୀ ବିଳମ୍ବ ଜନିତ ସୁଧ ସହ ସେହି ଟଙ୍କା ପରିଶୋଧ କରିନଥାନ୍ତି;

୧୮୮୨ ର ୪

(ଗ) ଭଡ଼ାଦାର ଏହି ଆଇନ ଆରମ୍ଭ ହେବା ପରେ, ଘରମାଲିକଙ୍କ ଲିଖିତ ସହମତି ବିନା ସମ୍ପୂର୍ଣ୍ଣ ଘର କିମ୍ବା ତାହାର କୌଣସି ଅଂଶକୁ ଅନ୍ୟ କାହାକୁ ସବ୍-ଲେଟ୍  ବା ଭଡ଼ା ସୂତ୍ରରେ ହସ୍ତାନ୍ତର କରିଦେଇଥାନ୍ତି;

(ଘ) ଘରମାଲିକଙ୍କ ଦ୍ୱାରା ସେଭଳି ଅପବ୍ୟବହାର ବନ୍ଦ କରିବା ପାଇଁ ନୋଟିସ ପାଇବା ପରେ ମଧ୍ୟ ଭଡ଼ାଦାର ଉକ୍ତ ଘରର ଅପବ୍ୟବହାର ଜାରି ରଖିଥାନ୍ତି।    *ସ୍ପଷ୍ଟୀକରଣ:— ଏହି କ୍ଲଜ୍ ଉଦ୍ଦେଶ୍ୟରେ, "ଘରର ଅପବ୍ୟବହାର" ଅର୍ଥ ହେଉଛି ଭଡ଼ାଦାରଙ୍କ ଦ୍ୱାରା ଅତିରିକ୍ତ ଜାଗା ମାଡ଼ି ବସିବା, କିମ୍ବା ଘରକୁ ଏମିତି ବ୍ୟବହାର କରିବା ଯାହାଦ୍ୱାରା ସାଧାରଣ ଲୋକଙ୍କୁ ଅସୁବିଧା ହୁଏ, ସମ୍ପତ୍ତି ନଷ୍ଟ ହୁଏ, ଘରମାଲିକଙ୍କ ସ୍ୱାର୍ଥ ହାନି ହୁଏ କିମ୍ବା କୌଣସି ଅନୈତିକ ବା ବେଆଇନ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ;*

(ଙ) ଯେଉଁଠାରେ ଘରମାଲିକଙ୍କ ପାଇଁ ଘରର କୌଣସି ମରାମତି, ନିର୍ମାଣ, ପୁନଃନିର୍ମାଣ, ପରିବର୍ତ୍ତନ ବା ଭାଙ୍ଗିବା  କାମ କରିବା ଜରୁରୀ ହୋଇଥାଏ, ଯାହା ଘରଟି ଖାଲି ନହେଲେ କରିବା ସମ୍ଭବପର ନୁହେଁ:    *ତେବେ ସର୍ତ୍ତ ଏହିକି ଯେ, ଭଡ଼ାଦାରଙ୍କୁ ସେହି ଘରେ ପୁନର୍ବାର ରହିବାକୁ ଅନୁମତି ଦିଆଯିବ ନାହିଁ—*

***(i)*** *ଯଦି ସେମାନେ ଭଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ ମିଳିତ ଭଡ଼ା ଚୁକ୍ତିନାମା ଦାଖଲ କରିନଥାନ୍ତି; ଏବଂ*

***(ii)*** *ଯେଉଁ କ୍ଷେତ୍ରରେ ଭଡ଼ାଦାର ଭଡ଼ା ଅଦାଲତଙ୍କ ଆଦେଶ ବଳରେ ବେଦଖଲ କରାଯାଇସାରିଛି;    ପରନ୍ତୁ ସର୍ତ୍ତ ଏହିକି ଯେ, ସେଭଳି ମରାମତି ବା ପୁନଃନିର୍ମାଣ କାର୍ଯ୍ୟ ପରେ, ଭଡ଼ାଦାରଙ୍କୁ କେବଳ ସେତିକିବେଳେ ପୁନର୍ବାର ରହିବାକୁ ଅନୁମତି ଦିଆଯାଇପାରିବ, ଯେତେବେଳେ ଘରମାଲିକ ଏବଂ ଭଡ଼ାଟିଆଙ୍କ ମଧ୍ୟରେ ପାରସ୍ପରିକ ସହମତି ହୋଇଥିବ ଏବଂ ଏକ ନୂତନ ଭଡ଼ା ଚୁକ୍ତିନାମା ଭଡ଼ା କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯାଇଥିବ;*

(ଚ) ଯଦି ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜମିର ବ୍ୟବହାର ନିୟମ ବଦଳିବା କାରଣରୁ ଘରମାଲିକଙ୍କ ପାଇଁ ସେହି ଘରକୁ ଭାଙ୍ଗିବା, ନୂଆ ନିର୍ଦ୍ଧାରଣ  କରିବା ବା ବ୍ୟବହାର ବଦଳାଇବା ଆବଶ୍ୟକ ହୋଇପଡ଼େ।

*ସ୍ପଷ୍ଟୀକରଣ:— ଏହି କ୍ଲଜ୍ ଉଦ୍ଦେଶ୍ୟରେ, "ସକ୍ଷମ କର୍ତ୍ତୃପକ୍ଷ→ ଅର୍ଥ ମ୍ୟୁନିସିପାଲିଟି କର୍ପୋରେସନ, ମ୍ୟୁନିସିପାଲିଟି, ଉନ୍ନୟନ କର୍ତ୍ତୃପକ୍ଷ - ଯେପରି **BDA/CDA)** କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷ, ଯିଏ ବିଲଡିଂ ଭାଙ୍ଗିବା, ପୁନଃନିର୍ମାଣ କିମ୍ବା ଜମିର ବ୍ୟବହାର ପରିବର୍ତ୍ତନ ପାଇଁ ଅନୁମତି ଦିଅନ୍ତି;*

(ଛ) ଭଡ଼ାଦାର ନିଜେ ଘର ଖାଲି କରିବା ପାଇଁ ଲିଖିତ ନୋଟିସ ଦେଇଥିଲେ ଏବଂ ସେହି ନୋଟିସ ଆଧାରରେ ଘରମାଲିକ ଘରଟିକୁ ବିକ୍ରି କରିବା ପାଇଁ କାହା ସହ ଚୁକ୍ତି କରିସାରିଛନ୍ତି ବା ଅନ୍ୟ କୌଣସି ପଦକ୍ଷେପ ନେଇସାରିଛନ୍ତି, ଯାହାଫଳରେ ଯଦି ଏବେ ଘର ଖାଲି ନହୁଏ ତେବେ ମାଲିକଙ୍କର ବଡ଼ ଆର୍ଥିକ ବା ଆଇନଗତ କ୍ଷତି ହେବ;

(ଜ) ଭଡ଼ାଦାର ଘରମାଲିକଙ୍କ ଲିଖିତ ସହମତି ବିନା ଘରର ମୂଳ ଗଠନରେ ପରିବର୍ତ୍ତନ କରିଛନ୍ତି କିମ୍ବା କୌଣସି ସ୍ଥାୟୀ ନିର୍ମାଣ କରିଛନ୍ତି।

(୩) ଉପ-ଧାରା (୨) ର କ୍ଲଜ୍ (ଖ) ଅନୁଯାୟୀ କେବଳ ଭଡ଼ା ନଦେବା କାରଣରୁ ଭଡ଼ାଦାରଙ୍କୁ ବେଦଖଲ କରିବା ପାଇଁ କୌଣସି ଆଦେଶ ଦିଆଯିବ ନାହିଁ, ଯଦି ଭଡ଼ାଟିଆ ତାଙ୍କୁ ମିଳିଥିବା ସେହି ଡିମାଣ୍ଡ ନୋଟିସର ଏକ ମାସ ମଧ୍ୟରେ ସମସ୍ତ ବାକି ଭଡ଼ା, ଅନ୍ୟାନ୍ୟ ଖର୍ଚ୍ଚ ଏବଂ ସୁଧ ସହିତ ସମ୍ପୂର୍ଣ୍ଣ ଟଙ୍କା ଘରମାଲିକଙ୍କୁ ଦେଇଦିଅନ୍ତି କିମ୍ବା ଭଡ଼ା ଅଦାଲତରେ ଜମା କରିଦିଅନ୍ତି।

(୪) ଯଦି କୌଣସି ଭଡ଼ାଦାର ଉପ-ଧାରା (୩) ଅନୁଯାୟୀ ଥରେ ରିହାତି/ଛାଡ଼ ପାଇବା ପରେ, ସେହି ସମାନ ବର୍ଷ ମଧ୍ୟରେ ପୁଣିଥରେ ଲଗାତାର ଦୁଇ ମାସ ପର୍ଯ୍ୟନ୍ତ ଭଡ଼ା ଦେବାରେ ବିଫଳ ହୁଅନ୍ତି, ତେବେ ସେ ପୁନର୍ବାର ଏହିଭଳି ଆଇନଗତ ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ (ତାଙ୍କୁ ଘର ଖାଲି କରିବାକୁ ପଡ଼ିବ)।

(୫) ଉପ-ଧାରା (୨) ର କ୍ଲଜ୍ (ଙ) ଅନୁଯାୟୀ (ମରାମତି/ନିର୍ମାଣ ପାଇଁ) ଚାଲିଥିବା ବେଦଖଲ ମାମଲାରେ, ଯଦି ଘରମାଲିକ ରାଜି ହୁଅନ୍ତି, ତେବେ ଭଡ଼ା ଅଦାଲତ କେବଳ ଘରର ଏକ ନିର୍ଦ୍ଦିଷ୍ଟ ଅଂଶ ବା ଭାଗକୁ ଖାଲି କରିବା ପାଇଁ ଅନୁମତି ଦେଇପାରିବେ।

ଘରମାଲିକଙ୍କ ମୃତ୍ୟୁ ହେବା କ୍ଷେତ୍ରରେ ଭଡ଼ାଦାରଙ୍କୁ ବେଦଖଲ କରିବା ଏବଂ ପରିସରର (ଘରର) ଦଖଲ ପୁନର୍ବାର ପ୍ରାପ୍ତ କରିବା।

**୨୨. (୧)** ଏହି ଆଇନ କିମ୍ବା ବର୍ତ୍ତମାନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନରେ ଯାହା କିଛି ଥାଉନା କାହିଁକି, ଘରମାଲିକଙ୍କ ମୃତ୍ୟୁ ହେବା କ୍ଷେତ୍ରରେ, ଯଦି ଭଡ଼ା ଅବଧି ଚାଲିଥିବା ସମୟରେ ଘରମାଲିକଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କର ସେହି ଭଡ଼ା ଘର ପ୍ରତି କୌଣସି ପ୍ରକୃତ ବା ଯଥାର୍ଥ ଆବଶ୍ୟକତା ଥାଏ, ତେବେ ସେହି ଆଇନଗତ ଉତ୍ତରାଧିକାରୀମାନେ ଭଡ଼ାଦାରଙ୍କୁ ବେଦଖଲ କରିବା ଏବଂ ଉକ୍ତ ଘରର ଦଖଲ ପୁନର୍ବାର ପାଇବା ପାଇଁ ଭଡ଼ା ଅଦାଲତ ଙ୍କ ନିକଟରେ ନିର୍ଦ୍ଧାରିତ ଫର୍ମ ଏବଂ ପଦ୍ଧତିରେ ଏକ ଆବେଦନ ଦାଖଲ କରିପାରିବେ।

**(୨)** ଉପ-ଧାରା (୧) ଅଧୀନରେ କରାଯାଇଥିବା ଆବେଦନକୁ ବିଚାର କରି, ଯଦି ଭଡ଼ା ଅଦାଲତ ସନ୍ତୁଷ୍ଟ ହୁଅନ୍ତି ଯେ ମୃତ ଘରମାଲିକଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କର ସେହି ଭଡ଼ା ଘର ପ୍ରତି ପ୍ରକୃତରେ ଯଥାର୍ଥ ଆବଶ୍ୟକତା ରହିଛି, ତେବେ ସେ ଭଡ଼ାଦାରଙ୍କୁ ଉକ୍ତ ଘରର ସମ୍ପୂର୍ଣ୍ଣ ଖାଲି ଦଖଲ ମୃତ ଘରମାଲିକଙ୍କ ଆଇନଗତ ଉତ୍ତରାଧିକାରୀମାନଙ୍କୁ ହସ୍ତାନ୍ତର କରିବା ପାଇଁ ଆବଶ୍ୟକୀୟ ଆଦେଶ ଜାରି କରିପାରିବେ।

ଭଡ଼ାଦାର ଘର ଖାଲି କରିବାକୁ ମନା କରିବା କ୍ଷେତ୍ରରେ ଭଡ଼ା ବୃଦ୍ଧି (ଜରିମାନା ସ୍ୱରୂପ ଅଧିକ ଭଡ଼ା ଆଦାୟ)।

**୨୩**. ଭଡ଼ା ଚୁକ୍ତିନାମାର ଅବଧି ସମାପ୍ତ ହେବା ପରେ କିମ୍ବା ଏହି ଆଇନର ନିୟମ ଅନୁଯାୟୀ କୌଣସି ଆଦେଶ ବା ନୋଟିସ ଦ୍ୱାରା ଭଡ଼ା ଅବଧି ଶେଷ ହେବା ପରେ ମଧ୍ୟ, ଯଦି ଭଡ଼ାଦାର ଚୁକ୍ତିନାମା ଅନୁସାରେ ଭଡ଼ା ଘର ଖାଲି କରିବାରେ ବିଫଳ ହୁଅନ୍ତି, ତେବେ ସେହି ଭଡ଼ାଦାର ଘରମାଲିକଙ୍କୁ ନିମ୍ନଲିଖିତ ହାରରେ ଭଡ଼ା ଦେବାକୁ ବାଧ୍ୟ ହେବେ—

(କ) ପ୍ରଥମ ଦୁଇ ମାସ ପାଇଁ ମାସିକ ଭଡ଼ାର ଦୁଇଗୁଣ (୨ ଗୁଣ); ଏବଂ

(ଖ) ତା'ପରେ, ଯେ ପର୍ଯ୍ୟନ୍ତ ଭଡ଼ାଦାର ସେହି ଘରକୁ ଜବରଦସ୍ତି ମାଡ଼ି ବସିଥିବେ, ସେ ପର୍ଯ୍ୟନ୍ତ ମାସିକ ଭଡ଼ାର ଚାରିଗୁଣ (୪ ଗୁଣ)।

ଘରମାଲିକଙ୍କ ଦ୍ୱାରା ଅଗ୍ରୀମ ଭଡ଼ା ବା ସିକ୍ୟୁରିଟି ଟଙ୍କା ଫେରସ୍ତ

**୨୪**. (୧) ଯେଉଁଠାରେ ଜଣେ ଘରମାଲିକ ଧାରା ୨୧ ର ଉପ-ଧାରା (୨) କିମ୍ବା ଧାରା ୨୧ ଅଧୀନରେ ଘରର ଦଖଲ ପୁନର୍ବାର ପ୍ରାପ୍ତ କରିବାର (ଘର ଖାଲି କରାଇବାର) ଅଧିକାର ପ୍ରୟୋଗ କରନ୍ତି, ଏବଂ ସେ ଭଡ଼ାଦାରଙ୍କଠାରୁ ଅଗ୍ରୀମ ଆକାରରେ କୌଣସି ଭଡ଼ା କିମ୍ବା ଅନ୍ୟ କୌଣସି ଅର୍ଥ ଗ୍ରହଣ କରିଥାନ୍ତି, ତେବେ ସେ ଘରର ଚାବି ବା ଦଖଲ ନେବା ପୂର୍ବରୁ, ନିଜର ବାକି ଥିବା ଭଡ଼ା ଏବଂ ଅନ୍ୟାନ୍ୟ ଦେୟ ଟଙ୍କା କାଟିବା ପରେ ବଳକା ସମସ୍ତ ଅଗ୍ରୀମ ଅର୍ଥ ଭଡ଼ାଦାରଙ୍କୁ ଫେରସ୍ତ କରିବେ।

(୨) ଯଦି ଘରମାଲିକ ସେହି ଅଗ୍ରୀମ ଟଙ୍କା ଫେରସ୍ତ କରିବାରେ ବିଫଳ ହୁଅନ୍ତି, ତେବେ ସେ ଫେରସ୍ତ କରିନଥିବା ବା ଫେରସ୍ତ କରିବାରେ ଅବହେଳା କରିଥିବା ସେହି ଟଙ୍କା ଉପରେ ସମୟ ସମୟରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସରଳ ସୁଧ ଭଡ଼ାଦାରଙ୍କୁ ଦେବାକୁ ବାଧ୍ୟ ହେବେ।

**୨୫**. ଧାରା ୨୧ ର ଉପ-ଧାରା (୨) ର କ୍ଲଜ୍ (କ) କିମ୍ବା କ୍ଲଜ୍ (ଖ) ବ୍ୟତୀତ ଅନ୍ୟ କୌଣସି ଆଧାରରେ ଘରର ଦଖଲ ପୁନର୍ବାର ପ୍ରାପ୍ତ କରିବା ପାଇଁ (ଘର ଖାଲି କରାଇବା ପାଇଁ) ଚାଲିଥିବା କୌଣସି ବି ମାମଲାରେ, ଯେଉଁଠାରେ ଭଡ଼ାଦାର ସେହି ବେଦଖଲ ଦାବିର ବିରୋଧ କରନ୍ତି (କୋର୍ଟରେ ଲଢ଼ନ୍ତି), ସେଠାରେ ଘରମାଲିକ ସେହି ମାମଲାର ଯେକୌଣସି ପର୍ଯ୍ୟାୟରେ ଭଡ଼ା ଅଦାଲତ ଙ୍କ ନିକଟରେ ଆବେଦନ କରିପାରିବେ ଯେପରି ଭଡ଼ାଦାରଙ୍କୁ ଧାରା ୮ ଅନୁଯାୟୀ ପ୍ରଦେୟ ଭଡ଼ା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଉ; ଏବଂ ଭଡ଼ା ଅଦାଲତ ଭଡ଼ାଦାରଙ୍କୁ ସେହି ଭଡ଼ା, ତାଙ୍କ ପାଖରେ ବାକି ଥିବା ଅନ୍ୟ ସମସ୍ତ ଦେୟ ଏବଂ ଧାରା ୧୪ ର ଉପ-ଧାରା (୧) ର ନିୟମ ଅନୁଯାୟୀ ଭଡ଼ା ଦେବାରେ ବିଳମ୍ବ ହୋଇଥିବା ଯୋଗୁଁ ଯଦି କୌଣସି ଜରିମାନା ଥାଏ, ତାହା ମଧ୍ୟ ପରିଶୋଧ କରିବା ପାଇଁ ଆଦେଶ ଦେଇପାରିବେ। ବେଦଖଲ ମାମଲା ଚାଲିଥିବା ସମୟରେ ଭଡ଼ା ପରିଶୋଧ।

**୨୬**. (୧) ଜମିଦାର/ଘରମାଲିକଙ୍କ ଲିଖିତ ସମ୍ମତି ବିନା ଭଡ଼ାଦାର ଭଡ଼ାରେ ଦିଆଯାଇଥିବା ପରିସର ମଧ୍ୟରେ କୌଣସି ଗଠନମୂଳକ ପରିବର୍ତ୍ତନ କରିପାରିବେ ନାହିଁ କିମ୍ବା କୌଣସି ସ୍ଥାୟୀ ନିର୍ମାଣ କରିପାରିବେ ନାହିଁ। ଅତିରିକ୍ତ ଗଠନ କିମ୍ବା ନିର୍ମାଣ ତିଆରି କରିବା ପାଇଁ ଅନୁମତି।

(୨) ଯେଉଁଠାରେ ଘରମାଲିକ କୌଣସି ଭଡ଼ାଦାରଙ୍କୁ ଦିଆଯାଇଥିବା ପରିସର ମଧ୍ୟରେ କୌଣସି ଉନ୍ନତିକରଣ କରିବାକୁ କିମ୍ବା କୌଣସି ଅତିରିକ୍ତ ସଂରଚନା/କୋଠା ନିର୍ମାଣ କରିବାକୁ ପ୍ରସ୍ତାବ ଦିଅନ୍ତି ଏବଂ ଭଡ଼ାଟିଆ ଘରମାଲିକଙ୍କୁ ସେହିଭଳି ଉନ୍ନତିକରଣ କିମ୍ବା ଅତିରିକ୍ତ ନିର୍ମାଣ କରିବାକୁ ଅନୁମତି ନଦିଅନ୍ତି (ମନା କରନ୍ତି), ସେଠାରେ ଘରମାଲିକ ଏହି ସମ୍ବନ୍ଧରେ ଭଡ଼ା ଅଦାଲତ ଙ୍କ ନିକଟରେ ଏକ ଆବେଦନ କରିପାରିବେ।

(୩) ଉପ-ଧାରା (୨) ଅଧୀନରେ ଘରମାଲିକଙ୍କ ଦ୍ୱାରା କରାଯାଇଥିବା ଏକ ଆବେଦନ ଉପରେ, ଯଦି ଭଡ଼ା ଅଦାଲତ ସନ୍ତୁଷ୍ଟ ହୁଅନ୍ତି ଯେ ଘରମାଲିକ ଆବଶ୍ୟକୀୟ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରସ୍ତୁତ ଏବଂ ଇଚ୍ଛୁକ ଅଛନ୍ତି, ତେବେ ଭଡ଼ା ଅଦାଲତ ଘରମାଲିକଙ୍କୁ ସେହି କାର୍ଯ୍ୟ କରିବା ପାଇଁ ଅନୁମତି ଦେଇପାରନ୍ତି ଏବଂ ସେଭଳି ଅନ୍ୟାନ୍ୟ ଆଦେଶ ଦେଇପାରନ୍ତି ଯାହା ସେ ଉପଯୁକ୍ତ ମନେ କରନ୍ତି:

ସର୍ତ୍ତ ଥାଏ କି, ସେହିଭଳି ଉନ୍ନତିକରଣ କିମ୍ବା ଅତିରିକ୍ତ ନିର୍ମାଣ ଦ୍ୱାରା ଉକ୍ତ ପରିସରରେ ଥିବା ବାସଗୃହ କିମ୍ବା ଆବାସିକ ସେବା ହ୍ରାସ ପାଇବ ନାହିଁ, କମିବ ନାହିଁ କିମ୍ବା ଖରାପ ହେବ ନାହିଁ, ଯାହା ଭଡ଼ାଦାରଙ୍କ ପାଇଁ ଅଯଥା କଷ୍ଟର କାରଣ ସାଜିବ।

ପୁନଶ୍ଚ ସର୍ତ୍ତ ଥାଏ କି, ଘରମାଲିକଙ୍କ ସମ୍ମତି ବିନା ଭଡ଼ାଦାରଙ୍କ ଦ୍ୱାରା ନିର୍ମିତ ଯେକୌଣସି ଅତିରିକ୍ତ ସଂରଚନାକୁ ହଟାଇବା ଭଡ଼ାଦାରଙ୍କ ଦାୟିତ୍ୱ ହେବ।

**୨୭**. (୧) ଧାରା ୨୧ କିମ୍ବା ଧାରା ୨୨ ରେ ଯାହା କିଛି ଥାଉ ନା କାହିଁକି, ଯେଉଁଠାରେ ଭଡ଼ାରେ ଦିଆଯାଇଥିବା କୌଣସି ପରିସର ମଧ୍ୟରେ ଖାଲି ଜମି ଅନ୍ତର୍ଭୁକ୍ତ ଥାଏ, ଯାହା ଉପରେ ସେହି ସମୟରେ ବଳବତ୍ତର ଥିବା ପୌରପାଳିକା ଉପ-ଆଇନ ଅନୁଯାୟୀ ବାସଗୃହ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ କୌଣସି କୋଠା/ଗୃହ ନିର୍ମାଣ କରିବା ଅନୁମତିଯୋଗ୍ୟ ଅଟେ, ଏବଂ ଘରମାଲିକ ସେଥିରେ ନିର୍ମାଣ କରିବାକୁ ଇଚ୍ଛା କରନ୍ତି... *ଏବଂ ଭଡ଼ାଟିଆ ସେହି ଜମିରୁ ନିଜର ଦଖଲ ହଟାଇବାକୁ ମନା କରନ୍ତି, ସେଠାରେ ଘରମାଲିକ ଭଡ଼ା ଅଦାଲତ/କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିପାରିବେ।* ଖାଲି ଜମି ସମ୍ବନ୍ଧରେ ବିଶେଷ ପ୍ରାବଧାନ.

(୨) ଉପ-ଧାରା (୧) ରେ ଉଲ୍ଲେଖ କରାଯାଇଥିବା ଆବେଦନ ପ୍ରାପ୍ତ ହେବା ପରେ, ଯଦି ଭଡ଼ା ଅଦାଲତ/କର୍ତ୍ତୃପକ୍ଷ ସନ୍ତୁଷ୍ଟ ହୁଅନ୍ତି ଯେ ଘରମାଲିକ କିମ୍ବା ତାଙ୍କର ଆଇନଗତ ଉତ୍ତରାଧିକାରୀମାନେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରସ୍ତୁତ ଏବଂ ଇଚ୍ଛୁକ ଅଛନ୍ତି ଏବଂ ବାକି ପରିସରରୁ ଉକ୍ତ ଖାଲି ଜମିକୁ ଅଲଗା (severance) କରିବା ଦ୍ୱାରା ଭଡ଼ାଦାରଙ୍କ ପ୍ରତି କୌଣସି ଅଯଥା କଷ୍ଟ ହେବ ନାହିଁ, ତେବେ ସେ:

(କ) ନିଜକୁ ଉପଯୁକ୍ତ ମନେହେଉଥିବା ତଦନ୍ତ କରିବା ପରେ ସେହିପରି ଅଲଗା (severance) କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି;

(ଖ) ଘରମାଲିକଙ୍କୁ ସେହି ଖାଲି ଜମିର ଦଖଲ ପ୍ରଦାନ କରିପାରନ୍ତି;

(ଗ) ଅବଶିଷ୍ଟ ପରିସର (ବାକି ରହିଥିବା ଘର/ଜମି) ବାବଦରେ ଭଡ଼ାଦାରଙ୍କ ଦ୍ୱାରା ଦେୟ ଭଡ଼ା ନିରୂପଣ ବା ହ୍ରାସ କରିପାରନ୍ତି; ଏବଂ ମାମଲାର ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଜକୁ ଉପଯୁକ୍ତ ମନେହେଉଥିବା ଅନ୍ୟାନ୍ୟ ଆଦେଶ ଦେଇପାରନ୍ତି।

**୨୮**. ବଳବତ୍ତର ଥିବା ଅନ୍ୟ କୌଣସି ଆଇନରେ ଯାହା କିଛି ଥାଉ ନା କାହିଁକି, ଯେଉଁଠାରେ କୌଣସି ପରିସର ଉପରେ ଜଣେ ଘରମାଲିକଙ୍କର କିମ୍ବା ଘରମାଲିକଙ୍କ ମୃତ୍ୟୁ ହେବା ସ୍ଥଳେ ତାଙ୍କର ଆଇନଗତ ଉତ୍ତରାଧିକାରୀମାନଙ୍କର ସ୍ୱାର୍ଥ/ଅଧିକାର ଯେକୌଣସି କାରଣରୁ ନିରୂପିତ/ସୀମିତ ହୋଇଥାଏ ଏବଂ ଏହି ଆଇନ ଅଧୀନରେ ଭଡ଼ା ଅଦାଲତ ଙ୍କ ଦ୍ୱାରା ଉକ୍ତ ପରିସରର ଦଖଲ ପୁନରୁଦ୍ଧାର ପାଇଁ କୌଣସି ଆଦେଶ ଦିଆଯାଇଥାଏ, ସେହିପରି ଆଦେଶ, ଧାରା ୨୧ ର ଉପ-ଧାରା (୩) ର ପ୍ରାବଧାନ ସାପେକ୍ଷ ହୋଇ, ଉକ୍ତ ପରିସରରେ ରହୁଥିବା ବା ଦଖଲ କରିଥିବା ସମସ୍ତ ବ୍ୟକ୍ତି ଙ୍କ ଉପରେ ବାଧ୍ୟତାମୂଳକ ହେବ ଏବଂ ସେହି ସମସ୍ତ ବ୍ୟକ୍ତିଙ୍କ ଦ୍ୱାରା ଘରମାଲିକଙ୍କୁ କିମ୍ବା ତାଙ୍କର ଆଇନଗତ ଉତ୍ତରାଧିକାରୀମାନଙ୍କୁ ଉକ୍ତ ପରିସରର ସମ୍ପୂର୍ଣ୍ଣ ଖାଲି ଦଖଲ ପ୍ରଦାନ କରାଯିବ। ଘରମାଲିକଙ୍କୁ ଖାଲି ଦଖଲ ପ୍ରଦାନ

**୨୯**. ଏହି ଆଇନରେ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନରେ ଯାହା କିଛି ଥାଉ ନା କାହିଁକି, ଜଣେ ଭଡ଼ାଦାର ଭଡ଼ା ଚୁକ୍ତିନାମା ଅଧୀନରେ ଆବଶ୍ୟକ ହେଉଥିବା ଭଳି ଲିଖିତ ନୋଟିସ୍ ପ୍ରଦାନ କରି ପରିସର ର ଦଖଲ ଛାଡ଼ିପାରିବେ ଏବଂ ସେଭଳି ନୋଟିସ୍ ସମ୍ବନ୍ଧରେ ଚୁକ୍ତିନାମାରେ କୌଣସି ସର୍ତ୍ତ ଉଲ୍ଲେଖ ନଥିବା ସ୍ଥଳେ, ଭଡ଼ାଟିଆ ପରିସରର ଦଖଲ ଛାଡ଼ିବା ପୂର୍ବରୁ ଘରମାଲିକଙ୍କୁ ଅନ୍ୟୂନ (କମରେ) ଏକ ମାସ ପୂର୍ବରୁ ନୋଟିସ୍ ପ୍ରଦାନ କରିବେ। ଭଡ଼ାଦାରଙ୍କ ଦ୍ୱାରା ଦଖଲ ଛାଡ଼ିବା ସମ୍ବନ୍ଧୀୟ ନୋଟିସ୍‌ର ପ୍ରାବଧାନ

**ଅଧ୍ୟାୟ VI**
**ଭଡ଼ା ପ୍ରାଧିକରଣଗଣ,**
**ସେମାନଙ୍କର କ୍ଷମତା ଓ ଅପିଲ**

**୩୦**. ଜିଲ୍ଲା କଲେକ୍ଟର କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ, ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ କ୍ରମେ, ନିଜ ଆଧିପତ୍ୟ କ୍ଷେତ୍ର ମଧ୍ୟରେ ଭଡ଼ା ପ୍ରାଧିକରଣ ଭାବେ କାର୍ଯ୍ୟ କରିବା ପାଇଁ ଡେପୁଟି କଲେକ୍ଟର ଙ୍କ ପାହ୍ୟାରୁ କମ୍ ନଥିବା ଜଣେ ଅଧିକାରୀଙ୍କୁ ନିଯୁକ୍ତ କରିବେ। ଭଡ଼ା ପ୍ରାଧିକରଣ.

**୩୧**. ଧାରା ୪, ୯, ୧୦, ୧୪, ୧୫, ୧୯ କିମ୍ବା ଧାରା ୨୦ ଅଧୀନରେ ଆରମ୍ଭ କରାଯାଇଥିବା କୌଣସି କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ, ଭଡ଼ା ପ୍ରାଧିକରଣ ଙ୍କ ନିକଟରେ ସେହି ସମସ୍ତ କ୍ଷମତା ରହିବ ଯାହା ଏହି ଆଇନ ଅଧୀନରେ ଏକ ଭଡ଼ା ଅଦାଲତ ଙ୍କୁ ପ୍ରଦାନ କରାଯାଇଛି ଏବଂ ସେହିପରି କାର୍ଯ୍ୟାନୁଷ୍ଠାନଗୁଡ଼ିକରେ ଧାରା ୩୫ ଏବଂ ୩୬ ରେ ନିର୍ଦ୍ଧାରିତ କାର୍ଯ୍ୟପଦ୍ଧତି ଲାଗୁ ହେବ। ଭଡ଼ା ପ୍ରାଧିକରଣଙ୍କ କ୍ଷମତା ଏବଂ କାର୍ଯ୍ୟପଦ୍ଧତି

**୩୨**. (୧) ଭଡ଼ା ପ୍ରାଧିକରଣ ଙ୍କ ଆଦେଶ ଦ୍ୱାରା ଅସନ୍ତୁଷ୍ଟ ବା କ୍ଷତିଗ୍ରସ୍ତ ଯେକୌଣସି ବ୍ୟକ୍ତି ସମ୍ପୃକ୍ତ ଆଞ୍ଚଳିକ ଅଧିକାର କ୍ଷେତ୍ର ଥିବା ଭଡ଼ା ଅଦାଲତ ରେ ଏକ ଅପିଲ୍ ଦାୟର କରିପାରିବେ। **ଅପିଲ**.

**(**୨) ଉପ-ଧାରା (୧) ଅଧୀନରେ କରାଯାଉଥିବା ଅପିଲ୍, ଭଡ଼ା ପ୍ରାଧିକରଣଙ୍କ ଆଦେଶ ପ୍ରକାଶ ପାଇବା ବା ପ୍ରଦାନ କରାଯିବା ତାରିଖରୁ ୩୦ ଦିନ ସମୟ ସୀମା ମଧ୍ୟରେ ଦାୟର କରାଯିବ।

## ଅଧ୍ୟାୟ VII
## ଘରଭଡ଼ା ନ୍ୟାୟାଳୟ ଓ ଘରଭଡ଼ା ନ୍ୟାୟାଧିକରଣ

ଭଡ଼ା ଅଦାଲତ

**୩୩.** ଜିଲ୍ଲା କଲେକ୍ଟର କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ, ରାଜ୍ୟ ସରକାରଙ୍କ ପୂର୍ବ ଅନୁମୋଦନ କ୍ରମେ, ଏହି ଆଇନର ଉଦ୍ଦେଶ୍ୟ ସାଧନ ପାଇଁ ନିଜ ଆଧିପତ୍ୟ କ୍ଷେତ୍ର ମଧ୍ୟରେ ଅତିରିକ୍ତ କଲେକ୍ଟର, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ କିମ୍ବା ସମାନ ପାହ୍ୟାର ଜଣେ ଅଧିକାରୀଙ୍କୁ ଭଡ଼ା ଅଦାଲତ ଭାବେ ନିଯୁକ୍ତ କରିବେ।

**୩୪.** ରାଜ୍ୟ ସରକାର, ସମ୍ପୃକ୍ତ ଅଧିକାର କ୍ଷେତ୍ର ଥିବା ହାଇକୋର୍ଟ ଙ୍କ ସହ ପରାମର୍ଶ କରି, ବିଜ୍ଞପ୍ତି ଦ୍ୱାରା, ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଜଜ୍ କିମ୍ବା ଅତିରିକ୍ତ ଜିଲ୍ଲା ଜଜ୍ ଙ୍କୁ ଭଡ଼ା **ନ୍ୟାୟାଧିକରଣ** ଭାବେ ନିଯୁକ୍ତ କରିପାରିବେ। ଭଡ଼ା **ନ୍ୟାୟାଧିକରଣ**

**୩୫.** (୧) ଏହି ଧାରାରେ ପ୍ରଦତ୍ତ ବ୍ୟବସ୍ଥାକୁ ଛାଡ଼ି, 'କୋଡ୍ ଅଫ୍ ସିଭିଲ୍ ପ୍ରୋସିଜ୍ୟୁର, ୧୯୦୮' (ଦେୱାନୀ କାର୍ଯ୍ୟବିଧି ସଂହିତା) ର କୌଣସି ପ୍ରାବଧାନ ଭଡ଼ା ଅଦାଲତ ଏବଂ ଭଡ଼ା ଟ୍ରିବ୍ୟୁନାଲ୍ ଗୁଡ଼ିକ ପ୍ରତି ଲାଗୁ ହେବ ନାହିଁ; ଏଗୁଡ଼ିକ ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତ ଦ୍ୱାରା ପରିଚାଳିତ ହେବେ ଏବଂ ନିମ୍ନଲିଖିତ ପ୍ରଣାଳୀରେ ନିଜର କାର୍ଯ୍ୟପଦ୍ଧତି ନିୟନ୍ତ୍ରଣ କରିବା ପାଇଁ ସେମାନଙ୍କର କ୍ଷମତା ରହିବ, ଯଥା:— ଭଡ଼ା ଅଦାଲତ ଏବଂ ଭଡ଼ା **ନ୍ୟାୟାଧିକରଣ** କାର୍ଯ୍ୟପଦ୍ଧତି

୧୯୦୮ ର ୫

(କ) ଘରମାଲିକ କିମ୍ବା ଭଡ଼ାଦାର ଭଡ଼ା ଅଦାଲତ କିମ୍ବା ଯଥାସ୍ଥିତି ଭଡ଼ା ଟ୍ରିବ୍ୟୁନାଲ୍‌ଙ୍କ ନିକଟରେ ସପଥପାଠ ଏବଂ ଯଦି କିଛି ଥାଏ, ତେବେ ଦସ୍ତାବିଜ୍ ସହିତ ଏକ ଆବେଦନ କିମ୍ବା ଅପିଲ୍ ଦାୟର କରିପାରିବେ;

(ଖ) ଭଡ଼ା ଅଦାଲତ କିମ୍ବା ଯଥାସ୍ଥିତି ଭଡ଼ା ଟ୍ରିବ୍ୟୁନାଲ୍ ତାପରେ ବିପକ୍ଷ ଦଳକୁ ନୋଟିସ୍ ଜାରି କରିବେ, ଯାହା ସହିତ ଆବେଦନ କିମ୍ବା ଅପିଲ୍, ସପଥପାଠ ଏବଂ ଦସ୍ତାବିଜ୍‌ଗୁଡ଼ିକର ନକଲ ସଲଗ୍ନ କରାଯିବ;

(ଗ) ବିପକ୍ଷ ଦଳ ଆବେଦନକାରୀଙ୍କୁ ତାର ଏକ ନକଲ ପ୍ରଦାନ କରିବା ପରେ, ସପଥପାଠ ଏବଂ ଯଦି କିଛି ଥାଏ, ଦସ୍ତାବିଜ୍ ସହିତ ନିଜର ଏକ ଲିଖିତ ଜବାବ ଦାଖଲ କରିବେ;

(ଘ) ଆବେଦନକାରୀ ବିପକ୍ଷ ଦଳକୁ ତାର ନକଲ ପ୍ରଦାନ କରିବା ପରେ, ଯଦି କିଛି ଥାଏ, ତେବେ ଏକ ପୁନଃ-ଜବାବ ବା ପ୍ରତ୍ୟୁତ୍ତର ଦାଖଲ କରିପାରିବେ;

(ଙ) ଭଡ଼ା ଅଦାଲତ କିମ୍ବା ଯଥାସ୍ଥିତି ଭଡ଼ା ଟ୍ରିବ୍ୟୁନାଲ୍ ଶୁଣାଣି ପାଇଁ ଏକ ତାରିଖ ନିର୍ଦ୍ଧାରଣ କରିବେ ଏବଂ ନିଜକୁ ଆବଶ୍ୟକ ମନେହେଉଥିବା ସଂକ୍ଷିପ୍ତ ତଦନ୍ତ କରିପାରିବେ।

(୨) ଭଡ଼ା ଅଦାଲତ କିମ୍ବା ଯଥାସ୍ଥିତି ଭଡ଼ା ଟ୍ରିବ୍ୟୁନାଲ୍, ଆବେଦନ କିମ୍ବା ଅପିଲ୍ ପ୍ରାପ୍ତ ହେବା ତାରିଖରୁ ଷାଠିଏ (୬୦) ଦିନ ସମୟ ସୀମା ଅତିକ୍ରମ ନକରି, ଯଥାସମ୍ଭବ ଶୀଘ୍ର ମାମଲାର ସମାଧାନ କରିବାକୁ

ଚେଷ୍ଟା କରିବେ:
ସର୍ତ୍ତ ଥାଏ କି, ଯେଉଁଠାରେ ସେଭଳି କୌଣସି ଆବେଦନ କିମ୍ବା ଯଥାସ୍ଥିତି ଅପିଲ୍ ଉକ୍ତ ଷାଠିଏ ଦିନ ଅବଧି ମଧ୍ୟରେ ସମାଧାନ କରାଯାଇ ନପାରେ, ସେଠାରେ ଭଡ଼ା ଅଦାଲତ କିମ୍ବା ଭଡ଼ା ଟ୍ରିବ୍ୟୁନାଲ୍ ସେହି ଅବଧି ମଧ୍ୟରେ ଆବେଦନ ବା ଅପିଲ୍ର ଫୈସଲା ନହୋଇପାରିବାର କାରଣଗୁଡ଼ିକୁ ଲିଖିତ ଭାବେ ରେକର୍ଡ କରିବେ।
(୩) ଭଡ଼ା ଅଦାଲତ କିମ୍ବା ଭଡ଼ା ଟ୍ରିବ୍ୟୁନାଲ୍ଙ୍କ ନିକଟରେ ଉପସ୍ଥାପିତ ପ୍ରତ୍ୟେକ ଆବେଦନ କିମ୍ବା ଅପିଲ୍ରେ, ଜଣେ ସାକ୍ଷୀଙ୍କ ସାକ୍ଷ୍ୟ ସପଥପାଠ ମାଧ୍ୟମରେ ଦିଆଯିବ:
ତେବେ ସର୍ତ୍ତ ଥାଏ କି, ଯେଉଁଠାରେ ନ୍ୟାୟର ସ୍ୱାର୍ଥ ଦୃଷ୍ଟିରୁ ଜଣେ ସାକ୍ଷୀଙ୍କୁ ପରୀକ୍ଷା (examination) କିମ୍ବା ଜେରା ପାଇଁ ଡାକିବା ଆବଶ୍ୟକ ବୋଲି ମନେହୁଏ, ସେଠାରେ ଭଡ଼ା ଅଦାଲତ କିମ୍ବା ଯଥାସ୍ଥିତି ଭଡ଼ା ଟ୍ରିବ୍ୟୁନାଲ୍ ସେହି ସାକ୍ଷୀଙ୍କୁ ପରୀକ୍ଷା ବା ଜେରା ପାଇଁ ଉପସ୍ଥିତ ରହିବାକୁ ଆଦେଶ ଦେଇପାରିବେ।
(୪) ସମନ ଜାରି କରିବା ସମ୍ବନ୍ଧରେ 'କୋଡ୍ ଅଫ୍ ସିଭିଲ୍ ପ୍ରୋସିଜ୍ୟୁର, ୧୯୦୮' ର ପ୍ରାବଧାନଗୁଡ଼ିକ, ଭଡ଼ା ଅଦାଲତ କିମ୍ବା ଭଡ଼ା ଟ୍ରିବ୍ୟୁନାଲ୍ ଦ୍ୱାରା ନୋଟିସ୍ ଜାରି କରିବା ପାଇଁ ଆବଶ୍ୟକୀୟ ପରିବର୍ତ୍ତନ ସହ ଲାଗୁ ହେବ।
(୫) ପ୍ରତ୍ୟେକ ଆବେଦନ କିମ୍ବା ଅପିଲ୍ ନିର୍ଦ୍ଧାରିତ ଫର୍ମ ହେବା ଆବଶ୍ୟକ।
(୬) ଭଡ଼ା ପ୍ରାଧିକରଣ କିମ୍ବା ଭଡ଼ା ଅଦାଲତ କିମ୍ବା ଯଥାସ୍ଥିତି ଭଡ଼ା ଟ୍ରିବ୍ୟୁନାଲ୍, ସମ୍ପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ମଧ୍ୟରେ କୌଣସି ପକ୍ଷର ଅନୁରୋଧ କ୍ରମେ ତିନି (୩) ରୁ ଅଧିକ ଥର ସମୟ ସ୍ଥଗିତ (adjournments/ତାରିଖ ଘୁଞ୍ଚାଇବା) ଅନୁମତି ଦେବେ ନାହିଁ ଏବଂ ସେଭଳି କରିବା ପାଇଁ ଯୁକ୍ତିଯୁକ୍ତ ଓ ଯଥେଷ୍ଟ କାରଣ ଥିବା ସ୍ଥଳେ, ସେମାନେ ତାର କାରଣକୁ ଲିଖିତ ଭାବେ ରେକର୍ଡ କରିବେ ଏବଂ ସମୟ ସ୍ଥଗିତ ରଖିବାକୁ ଅନୁରୋଧ କରୁଥିବା ପକ୍ଷକୁ ଏକ ଯୁକ୍ତିଯୁକ୍ତ ଖର୍ଚ୍ଚ (cost) ପ୍ରଦାନ କରିବାକୁ ଆଦେଶ ଦେବେ।
(୭) ଧାରା ୨୧ ର ଉପ-ଧାରା (୨) ର କ୍ଲଜ୍ (କ), (ଖ), (ଙ), (ଚ) ଏବଂ (ଛ) ଅଧୀନରେ କିମ୍ବା ଧାରା ୨୨ ଅଧୀନରେ ଥିବା ପ୍ରତ୍ୟେକ ଆବେଦନ, ଭଡ଼ା ଅଦାଲତରେ ସେଭଳି ଆବେଦନ ଦାଖଲ ହେବା ତାରିଖରୁ ନବେ (୯୦) ଦିନ ମଧ୍ୟରେ ସମାଧାନ କରାଯିବ।
(୮) ଧାରା ୨୧ ର ଉପ-ଧାରା (୨) ର କ୍ଲଜ୍ (ଗ) ଏବଂ (ଘ) ଅଧୀନରେ ଦାଖଲ ହେଉଥିବା ପ୍ରତ୍ୟେକ ଆବେଦନ ଉପରେ, ଭଡ଼ା ଅଦାଲତ ଆବେଦନ ଦାଖଲ ହେବାର ତିରିଶ (୩୦) ଦିନ ମଧ୍ୟରେ ନିଷ୍ପତ୍ତି ଗ୍ରହଣ କରିବେ।

୧୯୦୮ ର ୫

*ଘରଭଡ଼ା ନ୍ୟାୟାଳୟ ଓ ଘରଭଡ଼ା ନ୍ୟାୟାଧିକରଣଙ୍କ କ୍ଷମତା*

**୩୬.**. (୧) ଏହି ଅଧିନିୟମ ଅନୁଯାୟୀ ଭଡ଼ା ନ୍ୟାୟାଳୟ ଓ ଭଡ଼ା ନ୍ୟାୟାଧିକରଣ ସେମାନଙ୍କର କାର୍ଯ୍ୟ ତୁଲାଇବା ପାଇଁ ସମାନ କ୍ଷମତା ପାଇବେ, ଯାହାକି ଦେୱାନୀ କାର୍ଯ୍ୟବିଧି, 1908 ଅନୁଯାୟୀ କୌଣସି ଦେୱାନୀ ନ୍ୟାୟାଳୟ ଉପରେ ନ୍ୟସ୍ତ ହୋଇଛି, ତାହାର ଉଦ୍ଦେଶ୍ୟ ହେଉଛି:- (୧୯୦୮ ର ୫)
(କ) ଯେକୌଣସି ବ୍ୟକ୍ତିଙ୍କୁ ସମନ କରିବା ଏବଂ ତାଙ୍କ ଉପସ୍ଥିତିକୁ ବାଧ୍ୟତାମୂଳକ କରିବା ଏବଂ ଶପଥ କରାଇ ତାଙ୍କୁ ପରୀକ୍ଷା କରିବା;
(ଖ) ଦସ୍ତାବିଜ ବାହାର କରାଇବା ଏବଂ ତାହାକୁ ଉପସ୍ଥାପନ କରାଇବା;
(ଗ) ସାକ୍ଷୀଙ୍କୁ କିମ୍ବା ଦସ୍ତାବିଜ୍କୁ ପରୀକ୍ଷା କରିବା ପାଇଁ ଆଦେଶ ଜାରିର କ୍ଷମତାପନ୍ନ ଆୟୋଗର କାର୍ଯ୍ୟ କରିବା;
(ଘ) ସ୍ଥାନୀୟ ତଦନ୍ତ ପାଇଁ ଆଦେଶ ଜାରିର କ୍ଷମତାପନ୍ନ ଆୟୋଗ କାର୍ଯ୍ୟ କରିବା;
(ଙ) ସତ୍ୟପାଠଗୁଡ଼ିକ ଉପରେ ପ୍ରମାଣ ଗ୍ରହଣ କରିବା;
(ଚ) ଏକ ଆବେଦନ ବା ଅପିଲ ଉପରେ ପକ୍ଷମାନେ ଉପସ୍ଥିତ ହେବାରେ ବିଫଳ ହେଲେ ତାହାକୁ ଖାରଜ କରିପାରିବା କିମ୍ବା ସବୁ ପକ୍ଷ ଉପସ୍ଥିତ ନଥାଇ ମଧ୍ୟ ଫଇସଲା ଶୁଣାଇପାରିବା;
(ଛ) କୌଣସି ଆବେଦନ ବା ଅପିଲକୁ ଖାରଜ କରିବା କିମ୍ବା କୌଣସି ପକ୍ଷଙ୍କୁ ସଂପୃକ୍ତ ନକରି ତାହା ଉପରେ କୌଣସି ଅନ୍ୟ ଆଦେଶନାମା ଜାରି କରିବା;
(ଜ) କୌଣସି ଦେୱାନୀ ନ୍ୟାୟାଳୟକୁ ଅନୁସରଣ ନକରି ଏହି ଅଧିନିୟମ ଅନୁଯାୟୀ ଏହାର ନିର୍ଦ୍ଦେଶ ଓ ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟକାରୀ କରିବା;
(ଝ) ଏହାର ଆଦେଶ ଓ ନିଷ୍ପତ୍ତିଗୁଡ଼ିକୁ ସମୀକ୍ଷା କରିବା;
(ଞ) ଭଡ଼ା ପ୍ରାଧିକରଣ ଏବଂ ଭଡ଼ା ନ୍ୟାୟାଳୟର ଆଦେଶ ଓ ନିଷ୍ପତ୍ତିଗୁଡ଼ିକର ପୁନର୍ବିଚାର କରିବା;
(ଟ) ହୁଏତ ସୁପାରିଶ ହୋଇଥିବା ଅନ୍ୟ କୌଣସି ବି ପ୍ରସଙ୍ଗରେ ପଦକ୍ଷେପ ନେବା।

(୨) ଭଡ଼ା ନ୍ୟାୟାଳୟ କିମ୍ବା ଭଡ଼ା ନ୍ୟାୟାଧିକରଣ ସମ୍ମୁଖରେ ଯେକୌଣସି ପ୍ରକ୍ରିୟା ଧାରା 193 ଏବଂ 228ର ଅର୍ଥ ମଧ୍ୟରେ ଏବଂ ଭାରତୀୟ ଦଣ୍ଡବିଧିର ଧାରା 196ରେ ଉଦ୍ଦେଶ୍ୟରେ ଏକ ନ୍ୟାୟିକ ପ୍ରକ୍ରିୟା ବୋଲି ବିବେଚନା କରାଯିବ; ଏବଂ ଭାରତୀୟ ଦଣ୍ଡବିଧିର ଅଧ୍ୟାୟ XXVI ଅଧ୍ୟାୟ ଧାରା 195 ଅଧୀନରେ ଏବଂ ଆପରାଧିକ ମାମଲା କାର୍ଯ୍ୟବିଧି, 1973 ଉଦ୍ଦେଶ୍ୟରେ ଭଡ଼ା ନ୍ୟାୟାଳୟ ଓ ଭଡ଼ା ନ୍ୟାୟାଧିକରଣ ଦେୱାନୀ ନ୍ୟାୟାଳୟ ରୂପେ ପରିଗଣିତ ହେବେ । (୧୯୬୦ ର ୪୫) (୧୯୭୪ ର ୨)
(୩) ଏହି ଅଧିନିୟମ ଅନୁଯାୟୀ ଯେକୌଣସି ତଦନ୍ତ କରିବା କିମ୍ବା କୌଣସି କର୍ତ୍ତବ୍ୟ ନିର୍ବାହ କରିବା ଉଦ୍ଦେଶ୍ୟରେ, ଭଡ଼ା ନ୍ୟାୟାଳୟ ଏହା ସବୁ କରିବେ –

(କ) ଚବିଶି ଘଣ୍ଟାରୁ କମ୍ ହୋଇନଥିବା ଏକ ଲିଖିତ ନୋଟିସ୍ ଦେବା ପରେ, ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ମଧ୍ୟରେ ଯେକୌଣସି ସମୟରେ, କୌଣସି ପରିସର ମଧ୍ୟକୁ ପ୍ରବେଶ ଓ ନିରୀକ୍ଷଣ କରିପାରିବେ କିମ୍ବା ଏହାର ଅଧୀନସ୍ଥ ଯେକୌଣସି ଅଧିକାରୀଙ୍କୁ ପ୍ରବେଶ ଓ ନିରୀକ୍ଷଣ କରିବା ପାଇଁ ଅଧିକୃତ (ଅନୁମତି) କରିପାରିବେ;;
(ଖ) ଲିଖିତ ଆଦେଶ ଦ୍ୱାରା, ଯେକୌଣସି ବ୍ୟକ୍ତିଙ୍କୁ ହାଜର କରାଇ ଯାଞ୍ଚ ପାଇଁ ବହି କିମ୍ବା ଦସ୍ତାବିଜଗୁଡିକ ମଗାଇ ପାରିବେ, ଯାହା ତଦନ୍ତ ପାଇଁ ଉପଯୁକ୍ତ ହେଉଥିବ ଏବଂ କେଉଁ ସମୟ ଓ କେଉଁ ସ୍ଥାନରେ, ତାହା ଆଦେଶରେ ହୁଏତ ସ୍ପଷ୍ଟ କରାଯାଇଥିବ।
(୪) ଭଡ଼ା ନ୍ୟାୟାଳୟ ଯଦି ଉପଯୁକ୍ତ ବିବେଚନା କରନ୍ତି, ତେବେ ବିଶେଷ ଜ୍ଞାନ ସମ୍ପନ୍ନ ଏକ ବା ଏକାଧିକ ବ୍ୟକ୍ତିଙ୍କୁ ନିଯୁକ୍ତ କରିପାରିବେ, ଯେଉଁମାନେ ମୂଲ୍ୟାଙ୍କନକାରୀ କିମ୍ବା ମୂଲ୍ୟ ନିର୍ଧାରଣକାରୀ ଭାବରେ ନ୍ୟାୟାଳୟଙ୍କ କାର୍ଯ୍ୟଧାରାରେ ପରାମର୍ଶ ଦେଇପାରିବେ।

୧୯୭୪ ର ୨ (୫) ଭଡ଼ା ନ୍ୟାୟାଳୟ ଦ୍ୱାରା ପାସ୍ ହୋଇଥିବା କୌଣସି ଆଦେଶରେ କିଛି ଗାଣିତିକ ତ୍ରୁଟି କିମ୍ବା ଅନ୍ୟ କିଛି ତ୍ରୁଟି ବା ଉହ୍ୟ ଜନିତ ତ୍ରୁଟି ରହିଥିଲେ, ତାହାକୁ ଯେକୌଣସି ସମୟରେ ଭଡ଼ା ନ୍ୟାୟାଳୟ ଦ୍ୱାରା ସଂଶୋଧନ କରାଯାଇପାରିବ, ତେବେ ଏଥିପାଇଁ କୌଣସି ପକ୍ଷରୁ ବା ଅନ୍ୟଥା ଏକ ଆବେଦନ ଗୃହୀତ ହୋଇଥିବା ଆବଶ୍ୟକ।
(୬) ଆପରାଧିକ ମାମଲା କାର୍ଯ୍ୟବିଧି, 1973ର ବିଧିବ୍ୟବସ୍ଥା ଅନୁଯାୟୀ ଭଡ଼ା ନ୍ୟାୟାଳୟ, ଜଣେ ପ୍ରଥମ ଶ୍ରେଣୀୟ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ କ୍ଷମତା ବ୍ୟବହାର କରି ଜଣେ ମାଜିଷ୍ଟ୍ରେଟ୍ ଭାବରେ କ୍ଷମତାଗୁଡ଼ିକର ପ୍ରୟୋଗ କରି ଜୋରିମାନା ଆଦାୟ କରିପାରିବେ।
(୭) ଏକ ଭଡ଼ା ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ ଏକ ଆଦେଶ କିମ୍ବା ଅପିଲ୍ ବା ପୁନଃବିଚାରରେ ପାସ୍ ହୋଇଥିବା ଏକ ଆଦେଶ, କିମ୍ବା ଏହି ଅଧ୍ୟାୟ ଅନୁଯାୟୀ ସମୀକ୍ଷା, ଏକ ଦେୱାନୀ ନ୍ୟାୟାଳୟର ଆଦେଶ ଭାବରେ କାର୍ଯ୍ୟକାରୀ ହେବ ଏବଂ ଭଡ଼ା ନ୍ୟାୟାଳୟ ଏହି ଉଦ୍ଦେଶ୍ୟରେ, ଏକ ଦେୱାନୀ ନ୍ୟାୟାଳୟର କ୍ଷମତା ଭୋଗ କରିବ।
(୮) ସବୁ ପକ୍ଷଙ୍କ ଉପସ୍ଥିତି ନଥାଇ ମଧ୍ୟ ଭଡ଼ା ନ୍ୟାୟାଳୟ କୌଣସି ବି ଆଦେଶକୁ ସେବେ ପର୍ଯ୍ୟନ୍ତ ଟାଳି ପାରିବେ, ଯଦି କୌଣସି ପକ୍ଷ ଆପତ୍ତି କରନ୍ତି ଏବଂ ତାହା ନ୍ୟାୟାଳୟଙ୍କୁ ସନ୍ତୁଷ୍ଟ କରେ ଯେ ସଂପୃକ୍ତ ପକ୍ଷଙ୍କ ପାଖରେ ନୋଟିସ୍ ଠିକ୍ ଭାବେ ପହଞ୍ଚାଯାଇନାହିଁ କିମ୍ବା ଶୁଣାଣିରେ ହାଜର ହେବାରେ ଅନ୍ୟ କିଛି ପର୍ଯ୍ୟାପ୍ତ କାରଣ ତାଙ୍କୁ ରୋକି ଦେଇଛି।
(୯) ଏହି ଅଧିନିୟମରେ ଅନ୍ୟଥା ସ୍ପଷ୍ଟ ଭାବରେ ବର୍ଣ୍ଣିତ ପ୍ରକାରେ, ଭଡ଼ା ନ୍ୟାୟାଳୟ ଦ୍ୱାରା କରାଯାଇଥିବା ପ୍ରତ୍ୟେକ ଆଦେଶ, ଅପିଲରେ ନିଷ୍ପତ୍ତି ଅନୁଯାୟୀ ଚୂଡାନ୍ତ ହେବ ଏବଂ କୌଣସି ମୂଳ ମକଦ୍ଦମା, ଆବେଦନ କିମ୍ବା କାର୍ଯ୍ୟକାରିତା ପ୍ରକ୍ରିୟାରେ ପ୍ରଶ୍ନ କରାଯିବ ନାହିଁ।

*ଘରଭଡ଼ା ନ୍ୟାୟାଧିକରଣଙ୍କ ପାଖରେ ଅପିଲ୍*

**୩୭**. (୧) ଭଡ଼ା ନ୍ୟାୟାଳୟ ଦ୍ୱାରା ପାସ୍ ହୋଇଥିବା ଆଦେଶ ଦ୍ୱାରା କୌଣସି ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରୁଥିଲେ, ସେହି ତାରିଖର ତିରିଶ ଦିନ ମଧ୍ୟରେ ସେହି ଆଦେଶର ଏକ ପ୍ରମାଣୀକୃତ ନକଲ ସହିତ ସ୍ଥାନୀୟ ସୀମା ମଧ୍ୟରେ ଥିବା ସଂପୃକ୍ତ ଭଡ଼ା ନ୍ୟାୟାଧିକରଣଙ୍କ ଠାରେ ଏକ ଅପିଲ୍ କରିପାରନ୍ତି।
(୨) ଉପଧାରା (୧) ଅଧୀନରେ ଏକ ଅପିଲ ଦାଖଲ କରିବା ପରେ ଭଡ଼ା ନ୍ୟାୟାଧିକରଣ ସେଇ ଅପିଲରର ଏକ ନକଲ ସହିତ ଅପିଲକାରୀଙ୍କୁ ନୋଟିସ୍ କରିବେ ଏବଂ ନୋଟିସ୍ ଦେବା ତାରିଖ ଠାରୁ ଅନ୍ୟୂନ ତିରିଶ ଦିନ ସମୟସୀମା ମଧ୍ୟରେ ଶୁଣାଣି ସ୍ଥିର କରିବେ, ଯାହାକି ସେଇ ନୋଟିସ ଦେବା ତାରିଖ ଠାରୁ ଷାଠିଏ ଦିନ ମଧ୍ୟରେ ଫଇସଲା କରାଯିବ।
(୩) ଯେଉଁଠାରେ ଭଡ଼ା ନ୍ୟାୟାଧିକରଣ ଏକ ଯଥାର୍ଥ ଏବଂ ସଠିକ୍ ନିଷ୍ପତ୍ତିରେ ପହଞ୍ଚିବା ଲକ୍ଷ୍ୟରେ ଏହାକୁ ଆବଶ୍ୟକ ବୋଲି ବିବେଚନା କରନ୍ତି, ତାହା ଅପିଲ୍ ଶୁଣାଣି ପ୍ରକ୍ରିୟାର ଯେକୌଣସି ପର୍ଯ୍ୟାୟରେ ହୁଏତ ଦସ୍ତାବିଜଗୁଡ଼ିକୁ ଅନୁମତି ଦେଇପାରିବେ:
ସର୍ତ୍ତ ଅଛି ଯେ ଶୁଣାଣି ସମୟରେ ଏପରି କୌଣସି ଦସ୍ତାବିଜ୍‌କୁ ଥରକରୁ ଅଧିକ ଥର ଉପସ୍ଥାପନ ପାଇଁ ଅନୁମତି ଦିଆଯିବ ନାହିଁ।
(୪) ଭଡ଼ା ନ୍ୟାୟାଧିକରଣ ନିଜ କ୍ଷମତା ବଳରେ, ଅପିଲ ବିଚାରାଧୀନ ଥିବା କାଳରେ ଉପଯୁକ୍ତ ବିବେଚନା କଲେ, ମଧ୍ୟାବଧି ରାୟ ଦେଇ ପାରିବେ, ଯାହାକି ଚୂଡ଼ାନ୍ତ ରାୟ ନୁହେଁ ଏବଂ ପରେ ତାହାକୁ ଚ୍ୟାଲେଞ୍ଜ କରାଯାଇପାରିବ।
(୫) ଅପିଲ ଉପରେ ନିଷ୍ପତ୍ତି ନେବାବେଳେ, ଭଡ଼ା ନ୍ୟାୟାଧିକରଣ ହୁଏତ ଏହାର କାରଣଗୁଡିକ ଲିପିବଦ୍ଧ କରିବା ପରେ, ଏକ ଭଡ଼ା ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ ରାୟକୁ ନିଶ୍ଚିତ କରିପାରନ୍ତି, ଆଉ ଏକ ରାୟ ଯୋଡ଼ିପାରନ୍ତି କିମ୍ବା ତାହାକୁ ବଦଳାଇ ପାରନ୍ତି।

*ଆଦେଶର ନିଷ୍ପାଦନ*

**୩୮.** (୧) ଭଡ଼ା ନ୍ୟାୟାଳୟ କୌଣସି ପକ୍ଷ ଦ୍ୱାରା ଦାଖଲ ହୋଇଥିବା ଆବେଦନ ଉପରେ, ଏକ ଭଡ଼ା ନ୍ୟାୟାଳୟ କିମ୍ବା ଭଡ଼ା ନ୍ୟାୟାଧିକରଣଙ୍କ ଆଦେଶନାମା କିମ୍ବା ଏହି ଅଧିନିୟମ ଅଧୀନରେ କୌଣସି ଆଦେଶନାମାର ନିଷ୍ପାଦନ ଏହିପରି କରିବେ, ଯାହା ଏପରି ଧାର୍ଯ୍ୟ କରାଯାଇପାରେ, -
(କ) ଯେଉଁ ବ୍ୟକ୍ତିଙ୍କ ସପକ୍ଷରେ ନିଷ୍ପତ୍ତି ନିଆଯାଇଛି ସେହି ବ୍ୟକ୍ତିଙ୍କୁ ସେହି ଭଡ଼ାଘରରୁ ଦଖଲ ପ୍ରଦାନ;
(ଖ) ସେଭଳି ଆଦେଶ ବା ରାୟରେ ପ୍ରଦତ୍ତ ଧନରାଶି ପରିମାଣ ଉଦ୍ଧାର କରିବା ପାଇଁ ଅପର ପକ୍ଷର ଏକ ବା ଏକାଧିକ ବ୍ୟାଙ୍କ ଆକାଉଣ୍ଟ ସଂଲଗ୍ନ କରିବା;
(ଗ) ଏହିପରି ଆଦେଶର ଅନୁପାଳନ କରାଇବା ପାଇଁ ଭଡ଼ା ନ୍ୟାୟାଳୟର ଅଧିକାରୀଗଣ କିମ୍ବା ସ୍ଥାନୀୟ ପ୍ରଶାସନ କିମ୍ବା ସ୍ଥାନୀୟ ପୌରସଂସ୍ଥାର ଅଧିକାରୀଙ୍କ ସମେତ କୌଣସି ଓକିଲ କିମ୍ବା ଅନ୍ୟ କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ।
(୨) ଚୂଡ଼ାନ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ଭଡ଼ା ନ୍ୟାୟାଳୟ, ସ୍ଥାନୀୟ ପୌରପାଳିକା/

ପୌରନିଗମ/ ପୌରପରିଷଦ ବା ସ୍ଥାନୀୟ ପୁଲିସର ସହାୟତା ନେଇପାରନ୍ତି:
ପରନ୍ତୁ ଭଡ଼ା ନ୍ୟାୟାଳୟ ଦ୍ୱାରା ସ୍ଥିରୀକୃତ ସେଭଳି କୌଣସି ବ୍ୟୟରାଶି ପୈଠ ନକଲା ପର୍ଯ୍ୟନ୍ତ, କୌଣସି ଆବେଦନକାରୀ ପୁଲିସ୍ ସହାୟତା ଲୋଡ଼ିପାରିବେ ନାହିଁ।

(୩) ଭଡ଼ା ନ୍ୟାୟାଳୟ କିମ୍ବା ଭଡ଼ା ନ୍ୟାୟାଧିକରଣ କିମ୍ବା ଏହି ଅଧିନିୟମ ଅନୁଯାୟୀ ଗୃହୀତ ଅନ୍ୟ କୌଣସି ଆଦେଶନାମାର ନିଷ୍ପାଦନକୁ ଭଡ଼ା ନ୍ୟାୟାଳୟ ସଂଞ୍ଚାଳନ କରିବେ ଏବଂ ଅପର ପକ୍ଷକୁ ଦିଆଯାଇଥିବା ନୋଟିସ୍‌ର ତିରିଶ ଦିନ ମଧ୍ୟରେ ଏହି ଧାରା ଅଧୀନରେ ସଂପୃକ୍ତ ଆଦେଶନାମାକୁ ଏକ ସଂକ୍ଷିପ୍ତ ଢଙ୍ଗରେ କାର୍ଯ୍ୟକାରୀ କରି ମାମଲାରେ ପୂର୍ଣ୍ଣଚ୍ଛେଦ ଟାଣିବେ।

# ଅଧ୍ୟାୟ VIII
# ବିବିଧ

**ଘରଭଡ଼ା ପ୍ରାଧିକରଣ, ଘରଭଡ଼ା ନ୍ୟାୟାଳୟ ଏବଂ ଘରଭଡ଼ା ନ୍ୟାୟାଧିକରଣଙ୍କ ଅଧିକାରୀ ଓ ଅନ୍ୟ କର୍ମଚାରୀଗଣ**

**୩୯**. ଏହି ଅଧିନିୟମ ଅଧୀନରେ ଭଡ଼ା ପ୍ରାଧିକରଣ କିମ୍ବା ଭଡ଼ା ନ୍ୟାୟାଳୟ କିମ୍ବା ଭଡ଼ା ନ୍ୟାୟାଧିକରଣ ସହିତ ପରାମର୍ଶ କରି ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ, ତହିଁର ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କ ପ୍ରକୃତି ଏବଂ ବର୍ଗ ନିର୍ଣ୍ଣୟ ପୂର୍ବକ ଆବଶ୍ୟକ ବୋଲି ବିବେଚନା କରି ଅଧିକାରୀମାନଙ୍କୁ ଓ ଅନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତ କରିପାରିବେ ଏବଂ ସେମାନେ ନିଜନିଜର କାର୍ଯ୍ୟ ଓ କ୍ଷମତାର ସୁଦକ୍ଷ ସଂପାଦନ କରିବେ।

*କେତେକ ବିଷୟରେ ଦେୱାନୀ ନ୍ୟାୟାଳୟର ଅଧିକାରିତା ପ୍ରତି ପ୍ରତିବନ୍ଧ*

**୪୦**. (୧) ଏହି ଅଧିନିୟମରେ ଅନ୍ୟଥା ବ୍ୟବସ୍ଥା କରାଯାଇଥିବା ବ୍ୟତିରେକେ ଏହି ଅଧିନିୟମର ବ୍ୟବସ୍ଥା ସଂକ୍ରାନ୍ତ କୌଣସି କୌଣସି କାର୍ଯ୍ୟବିଧିକୁ କୌଣସି ଦେୱାନୀ ନ୍ୟାୟାଳୟ ବିଚାର ନିମନ୍ତେ ଗ୍ରହଣ କରିବେ ନାହିଁ।
(୨) ଭଡ଼ା ନ୍ୟାୟାଳୟର କ୍ଷମତା ପରିସର କେବଳ ଏହା ପାଖରେ ପ୍ରଥମ ଅନୁସୂଚୀ ଆଧାରରେ ଦାଖଲ ହୋଇଥିବା ଭଡ଼ାଘର ଚୁକ୍ତିନାମାଗୁଡ଼ିକର ସୀମିତ ରହିବ ଏବଂ ଭଡ଼ାଘରର ସ୍ୱତ୍ତ୍ୱ ବା ମାଲିକାନା ଜଡ଼ିତ ପ୍ରଶ୍ନ, ଏହାର କ୍ଷମତା ପରିସରର ବାହାରେ ରହିବ।

*ନ୍ୟାୟାଳୟ ଫିସ୍*

୧୮୭୦ ର ୭ **୪୧**. (୧) ନ୍ୟାୟାଳୟ ଫିସ୍ ଅଧିନିୟମ, 1870ର ବିଧିବ୍ୟବସ୍ଥା ଏଠାରେ ପ୍ରଯୁଜ୍ୟ ହେବ ଏବଂ ସେହି ମତେ ଭଡ଼ା ପ୍ରାଧିକରଣ ବା ଭଡ଼ା ନ୍ୟାୟାଳୟ କିମ୍ବା ଭଡ଼ା ନ୍ୟାୟାଧିକରଣରେ ଉପସ୍ଥାପିତ ହେଉଥିବା ହେଉଥିବା ଆବେଦନ ଓ ଅପିଲ ଗୁଡ଼ିକର ଫିସ୍ ଲାଗୁ ହେବ।
(୨) ନ୍ୟାୟାଳୟ ଶୁଳ୍କର ହିସାବ କରିବା ଉଦ୍ଦେଶ୍ୟରେ, ଭଡ଼ା ନ୍ୟାୟାଳୟରେ ଦିଆଯାଇଥିବା ସମ୍ପତ୍ତି ପୁନରୁଦ୍ଧାର ପାଇଁ ଆବେଦନ ଏବଂ ଭଡ଼ା ନ୍ୟାୟାଧିକରଣରେ ଉପସ୍ଥାପିତ ହୋଇଥିବା ଅପିଲର ସ୍ମାରକପତ୍ର ଗୁଡ଼ିକୁ ଘରମାଲିକ ଓ ଭଡ଼ାଦାରଙ୍କ ମଧ୍ୟରେ ଏକ ମକଦ୍ଦମା ବୋଲି ଧରାଯିବ।
(୩) ଭଡ଼ା ପ୍ରାଧିକରଣଙ୍କ ନିକଟରେ ଦାଖଲ ହୋଇଥିବା ଆବେଦନ ପାଇଁ ନ୍ୟାୟାଳୟ ଫି ଏକ ଦେୱାନୀ ନ୍ୟାୟାଳୟରେ ଉପସ୍ଥାପିତ ହେଉଥିବା ଏକ ମଧ୍ୟାବଧି ଆବେଦନ ସହିତ ସମାନ ହେବ।

*ସଦସ୍ୟ ଇତ୍ୟାଦି ହେବେ ସରକାରୀ ଅଧିକାରୀ*

୧୮୬୦ ର ୪୫ **୪୨**. ଏହି ଅଧିନିୟମ ଅନୁଯାୟୀ ନିଯୁକ୍ତ ଭଡ଼ା ପ୍ରାଧିକରଣ, ଭଡ଼ା ନ୍ୟାୟାଳୟ ଏବଂ ଭଡ଼ା ନ୍ୟାୟାଧିକରଣର ପ୍ରତ୍ୟେକ ସଦସ୍ୟ ଭାରତୀୟ ଦଣ୍ଡବିଧିର ଧାରା 21ର ଅର୍ଥରେ ଜଣେ ସରକାରୀ କର୍ମଚାରୀ ରୂପେ ବିବେଚିତ ହେବେ।

*ସତ୍ ବିଶ୍ୱାସରେ ନିଆଯାଇଥିବା ପଦକ୍ଷେପର ସୁରକ୍ଷା*

**୪୩**. ଏହି ଅଧିନିୟମ ଆଧାରରେ ସତ୍ ବିଶ୍ୱାସ ବା ଅଭିପ୍ରାୟରେ ଯାହା ବି କରାଯାଇଥିବ, ସେଥିପାଇଁ କୌଣସି ବ୍ୟକ୍ତି, ଭଡ଼ା ପ୍ରାଧିକରଣ, ଭଡ଼ା ନ୍ୟାୟାଳୟ କିମ୍ବା ଭଡ଼ା ନ୍ୟାୟାଧିକରଣଙ୍କ ବିରୋଧରେ କୌଣସି ମକଦ୍ଦମା, ଅଭିଯୋଗ କିମ୍ବା ଅନ୍ୟାନ୍ୟ ଆଇନଗତ ପ୍ରକ୍ରିୟା କରାଯିବ ନାହିଁ।

**୪୪.** (୧) ରାଜ୍ୟ ସରକାର / କେନ୍ଦ୍ର ଅଞ୍ଚଳ ପ୍ରଶାସନ, ପୂର୍ବ ପ୍ରକାଶନ କରି ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିୟମାବଳୀ ପ୍ରଣୟନ କରିପାରିବେ। *ନିୟମ ପ୍ରଣୟନ ଦିଗରେ ପ୍ରଶାସନର କ୍ଷମତା*

(2) ନିର୍ଦ୍ଦିଷ୍ଟ ଭାବରେ ଏବଂ ପୂର୍ବୋକ୍ତ କ୍ଷମତାଗୁଡ଼ିକର ବ୍ୟାପକତା ପ୍ରତି ପ୍ରତିକୂଳ ପ୍ରଭାବ ନପକାଇ ନିମ୍ନଲିଖିତ ସମସ୍ତ ବା ଯେକୌଣସି ପ୍ରସଙ୍ଗରେ ନିୟମାବଳୀରେ ବ୍ୟବସ୍ଥା କରାଯାଇପାରିବ, ଯଥା:

(କ) ଭଡ଼ା ପ୍ରାଧିକରଣ ଦ୍ୱାରା ଡିଜିଟାଲ୍ ପ୍ଲାଟ୍‌ଫର୍ମର ଫର୍ମ ଓ ପଦ୍ଧତି ସ୍ଥାନୀୟ ଲୋକଙ୍କ ଭାଷାରେ କିମ୍ବା ରାଜ୍ୟ ଭାଷାରେ ଧାରା 4ର ଉପଧାରା (3) ଅନୁଯାୟୀ ଲୋକଙ୍କୁ ଦସ୍ତାବିଜ୍ ଦାଖଲ କରିବାକୁ ସକ୍ଷମ କରିବ;
(ଖ) ଘରମାଲିକଙ୍କୁ ଭଡ଼ା ଓ ଅନ୍ୟାନ୍ୟ ଶୁଳ୍କ ପୈଠ ନିମିତ୍ତ ଭଡ଼ାଦାରଙ୍କ ପାଇଁ ଡାକ ମନିଅର୍ଡର କିମ୍ବା ଅନ୍ୟ କୌଣସି ଆଧୁନିକ ପଦ୍ଧତି ଜାରି କରାଯିବ ଏବଂ ଘରମାଲିକ ଭଡ଼ା ଟଙ୍କା ଗ୍ରହଣ କରିବାକୁ ମନା କରିବା କ୍ଷେତ୍ରରେ ଭଡ଼ା ପ୍ରାଧିକରଣଙ୍କ ପାଖରେ ଜମା କରିବା ପାଇଁ ମଧ୍ୟ ଧାରା 14ର ଉପଧାରା (1) ଅଧୀନରେ ସମାନ ପ୍ରକାର ଆଧୁନିକ ବ୍ୟବସ୍ଥା ରଖାଯିବ;
(ଗ) ଧାରା 19ର ଉପଧାରା (2) ଅଧୀନରେ ସମ୍ପତ୍ତି ପରିଚାଳକଙ୍କ ଉପରେ ଲାଗୁ ହେଉଥିବା ଜୋରିମାନାର ପରିମାଣ ଓ ପଦ୍ଧତି;
(ଘ) ଧାରା 21ର ଉପଧାରା (2) ଅନୁଯାୟୀ ପରିସରର ପୁନଃଦଖଲ ପାଇଁ ଏକ ଦରଖାସ୍ତ କରିବାର ପଦ୍ଧତି;
(ଙ) ଧାରା 23ର ଉପଧାରା (2) ଅନୁଯାୟୀ ଭଡ଼ାଦାରଙ୍କୁ ଅଗ୍ରୀମ ରଖିଥିବା ପ୍ରତିଭୂତି ଜମାରାଶି ଫେରସ୍ତରେ ବିଫଳ ହେଉଥିବା ଘରମାଲିକମାନେ କେଉଁ ସୁଧହାରରେ ଭଡ଼ାଦାରଙ୍କୁ ଫେରସ୍ତ କରିବେ, ତାହାର ନିର୍ଧାରଣ;
(ଚ) ଭଡ଼ାଘର ପରିସରରେ ଖାଲି ପଡିଥିବା ଜମିର ଦଖଲ ପାଇବା ପାଇଁ ଘରମାଲିକଙ୍କ ଦ୍ୱାରା ଭଡ଼ା ନ୍ୟାୟାଳୟରେ ଆବେଦନ କରିବାର ଫର୍ମ ଓ ପଦ୍ଧତି, ଧାରା 26ରେ ଉପଧାରା (1) ଅନୁଯାୟୀ ସେହି ସ୍ଥାନରେ କୋଠା ଠିଆ କରାଯାଇପାରିବ;
(ଛ) ଧାରା 34ର ଉପଧାରା(5) ଅନୁଯାୟୀ ଭଡ଼ା ନ୍ୟାୟାଳୟରେ ଆବେଦନ ଦାଖଲ ଏବଂ ଭଡ଼ା ନ୍ୟାୟାଧିକରଣରେ ଅପିଲ ଦାଖଲର ଫର୍ମ;
(ଜ) ଧାରା 35ର ଉପଧାରା(1)ର ଅନୁଚ୍ଛେଦ (ଟ) ଅନୁଯାୟୀ ପ୍ରଦାନ କରାଯିବାକୁ ଥିବା ଅନ୍ୟ କୌଣସି ପ୍ରସଙ୍ଗ;
(ଝ) ଏକ ଭଡ଼ା ନ୍ୟାୟାଳୟ କିମ୍ବା ଏକ ଭଡ଼ା ନ୍ୟାୟାଧିକରଣ କିମ୍ବା ଏହି ଅଧିନିୟମର ଧାରା 37ର ଉପଧାରା (1) ଅନୁଯାୟୀ କରାଯାଇଥିବା ଅନ୍ୟ କୌଣସି ଆଦେଶନାମାର କାର୍ଯ୍ୟକାରିତା ପ୍ରଣାଳୀ;
(ଞ) ଏହି ଅଧିନିୟମର ବିଧିବ୍ୟବସ୍ଥା ଅନୁଯାୟୀ ଅନ୍ୟ କୌଣସି ପ୍ରସଙ୍ଗରେ ଦରକାର ହେଉଥିଲେ।

**୪୫.** ଏହି ଅଧିନିୟମ ଅନୁଯାୟୀ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମାବଳୀକୁ ଯଥାସମ୍ଭବ ଶୀଘ୍ର ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭାରେ ଉପସ୍ଥାପନ କରାଯିବ; ଯେଉଁଠାରେ ଦୁଇଟି ଗୃହ ଥିବ, ସେଠାରେ ଉଭୟ ଗୃହରେ ଏହା ଉପସ୍ଥାପିତ ହେବ। ***ନିୟମାବଳୀର ଉପସ୍ଥାପନ***

**୪୬.** (୧) ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ କାର୍ଯ୍ୟକାରୀ କରିବାରେ ଯଦି କୌଣସି ଅସୁବିଧା ଉପୁଜେ, ତେବେ ରାଜ୍ୟ ସରକାର/ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ସରକାରୀ ଗେଜେଟରେ ଏହି ଅଧିନିୟମର ବ୍ୟବସ୍ଥା ସହିତ ଅସଙ୍ଗତ ହେଉନଥିବା ଆଦେଶନାମା ପ୍ରକାଶ କରି ସେହି ଅସୁବିଧାକୁ ଦୂର କରିପାରିବେ: ପରନ୍ତୁ ଏହି ଅଧିନିୟମ ଲାଗୁ ହେବାର ଦୁଇ ବର୍ଷର ଅବଧି ପୂରିଯିବା ପରେ ସେପରି କୌଣସି ଆଦେଶନାମା କରାଯିବ ନାହିଁ। ***ଅସୁବିଧା ଦୂର କରିବାକୁ କ୍ଷମତା***
(୨) ଏହି ଧାରା ଅଧୀନରେ କରାଯାଇଥିବା ପ୍ରତ୍ୟେକ ଆଦେଶ, ତାହା କରାଯିବା ପରେ ଯେତେ ଶୀଘ୍ର ସମ୍ଭବ ରାଜ୍ୟ ବିଧାନସଭାରେ (ଉଭୟ ସଦନରେ, ଯଦି ଥାଏ) ଉପସ୍ଥାପିତ ହେବ।

**୪୭.** (୧) ଏହି ଅଧିନିୟମ ପ୍ରାରମ୍ଭ ହେବାର ଠିକ୍ ପୂର୍ବରୁ ଯେଉଁ ରାଜ୍ୟରେ/କେନ୍ଦ୍ରଶାସିତ ଅଞ୍ଚଳରେ ବଳବତ୍ତର ଥିବା ଭଡ଼ା ନିୟନ୍ତ୍ରଣ ଅଧିନିୟମ ଏତଦ୍ୱାରା ନିରସିତ ହେଲା। ***ଉଚ୍ଛେଦ ଏବଂ ସଂରକ୍ଷଣ***
(୨) ସାପରି ନିରସନ ସତ୍ତ୍ୱେ, ଏହି ଅଧିନିୟମ ପ୍ରାରମ୍ଭରେ, ରାଜ୍ୟର ଭଡ଼ା ନିୟନ୍ତ୍ରଣ ଅଧିନିୟମ ଅଧୀନରେ ବିଚାରାଧୀନ ସମସ୍ତ ମାମଲା ଏବଂ ଅନ୍ୟାନ୍ୟ କାର୍ଯ୍ୟବିଧି ସେହି ରାଜ୍ୟ/ କେନ୍ଦ୍ରଶାସିତ ଅଞ୍ଚଳର ଭଡ଼ା ନିୟନ୍ତ୍ରଣ ଅଧିନିୟମର ବ୍ୟବସ୍ଥା ଅନୁସାରେ ଏପରି ଚାଲୁ ରହିବ ଓ ଫଇସଲା କରାଯିବ, ସତେ ଯେପରି ସେହି ଅଧିନିୟମ ବଳବତ୍ତର ହୋଇ ରହିଛି ଏବଂ ଏହି ଅଧିନିୟମ ପ୍ରଣୟନ କରାଯାଇନାହିଁ।

# ପ୍ରଥମ ଅନୁସୂଚୀ
[ଧାରା 4(1) ଦ୍ରଷ୍ଟବ୍ୟ]
# ଭଡ଼ାଘର ସୂଚନା ପାଇଁ ଫର୍ମ

ପ୍ରାପକ,
ଘରଭଡ଼ା ପ୍ରାଧିକରଣ

______________________
____________________(ଠିକଣା)

| | | |
|---|---|---|
| **1.** ଘରମାଲିକଙ୍କ ନାମ ଓ ଠିକଣା: | : | ____________________ |
| 2.ପ୍ରପର୍ଟି ମ୍ୟାନେଜରଙ୍କ (ଯଦି ଥାଆନ୍ତି) ନାମ ଏବଂ ଠିକଣା | : | ____________________ |
| 3.ଭଡ଼ାଟିଆଙ୍କ ନାମ ଏବଂ ଠିକଣା, ଇମେଲ୍ ଏବଂ ଯୋଗାଯୋଗ ବିବରଣୀ ସହିତ | : | ____________________ |
| 4.ପୂର୍ବ ଭଡ଼ାଟିଆଙ୍କ ବିବରଣୀ, ଯଦି କିଛି ଥାଏ | : | ____________________ |
| 5. ଭଡ଼ାଟିଆଙ୍କୁ ଦିଆଯାଇଥିବା ପରିସରର/ଘରର ବିବରଣୀ, ସଂଲଗ୍ନ ଜମି (ଯଦି ଥାଏ) ସହିତ | : | ____________________ |
| 6.ଭଡ଼ାଟିଆଙ୍କୁ କବ୍ଜା/ଦଖଲ ଦିଆଯାଇଥିବା ତାରିଖ | : | ____________________ |
| 7..ଧାରା 8 ଅନୁଯାୟୀ ଦେୟ ଭଡ଼ା | : | ____________________ |
| 8.ଭଡ଼ାଟିଆଙ୍କୁ ଯୋଗାଇ ଦିଆଯାଇଥିବା ଆସବାବପତ୍ର (Furniture) ଏବଂ ଅନ୍ୟାନ୍ୟ ସାମଗ୍ରୀ | : | ____________________ |
| 9. ଦେୟ ଥିବା ଅନ୍ୟାନ୍ୟ ଚାର୍ଜ: | : | |
| କ. ବିଦ୍ୟୁତ (Electricity) | : | ____________________ |
| ଖ. ଜଳ/ପାଣି (Water) | : | ____________________ |
| ଗ. ଅତିରିକ୍ତ ଆସବାବପତ୍ର, ଫିଟିଙ୍ଗସ ଏବଂ ଫିକ୍ସଚର | : | ____________________ |
| ଘ. ଅନ୍ୟାନ୍ୟ ସେବା | : | ____________________ |
| 10. ଭଡ଼ା କିମ୍ବା ଲିଜ୍ କିମ୍ବା ଟେନାନ୍ସି ଚୁକ୍ତିପତ୍ର (Agreement) ସଂଲଗ୍ନ କରନ୍ତୁ | : | ____________________ |
| 11. ଭଡ଼ାର ଅବଧି (ଯେତିକି ସମୟ ପାଇଁ ଭଡ଼ାରେ ଦିଆଯାଇଛି) | : | ____________________ |
| 12.ଘରମାଲିକଙ୍କ ପାନ କାର୍ଡ ନମ୍ବର (PAN): | : | ____________________ |
| 13.ଘରମାଲିକଙ୍କ ଆଧାର ନମ୍ବର: [Aadhaar Redacted] | : | ____________________ |
| 14. ଘରମାଲିକଙ୍କ ମୋବାଇଲ୍ ନମ୍ବର ଏବଂ ଇମେଲ୍ ଆଇଡି (ଯଦି ଉପଲବ୍ଧ ଥାଏ) | : | ____________________ |
| 15.ଭଡ଼ାଟିଆଙ୍କ ପାନ କାର୍ଡ ନମ୍ବର (PAN): | : | ____________________ |

**16.** ଭଡ଼ାଟିଆଙ୍କ ଆଧାର ନମ୍ବର : ______________________

**17.** ଭଡ଼ାଟିଆଙ୍କ ମୋବାଇଲ୍ ନମ୍ବର ଏବଂ ଇମେଲ୍ ଆଇଡି

**18.** ପ୍ରପର୍ଟି ମ୍ୟାନେଜରଙ୍କ (ଯଦି ଥାଆନ୍ତି) ପାନ କାର୍ଡ ନମ୍ବର (PAN): ______________________

**19.** ପ୍ରପର୍ଟି ମ୍ୟାନେଜରଙ୍କ (ଯଦି ଥାଆନ୍ତି) ଆଧାର ନମ୍ବର: [Aadhaar Redacted]

**20.** ପ୍ରପର୍ଟି ମ୍ୟାନେଜରଙ୍କ (ଯଦି ଥାଆନ୍ତି) ମୋବାଇଲ୍ ନମ୍ବର ଏବଂ ଇମେଲ୍ ଆଇଡି ______________________

ଘରମାଲିକଙ୍କ ନାମ ଏବଂ ସ୍ୱାକ୍ଷର (ଦସ୍ତଖତ)

ଘରମାଲିକଙ୍କ
ଫଟୋଗ୍ରାଫ୍
(ଫଟୋ)

**ଭଡ଼ାଟିଆଙ୍କ ନାମ ଏବଂ ସ୍ୱାକ୍ଷର (ଦସ୍ତଖତ)**

ଭଡ଼ାଟିଆଙ୍କ
ଫଟୋଗ୍ରାଫ୍
(ଫଟୋ)

ସଂଲଗ୍ନ:
1. ଭଡ଼ାଘର ଚୁକ୍ତିନାମା
2. ଘରମାଲିକଙ୍କ ସ୍ୱୟଂ ସହିସ୍ୱାକ୍ଷରିତ PAN କାର୍ଡ ଓ ଆଧାର କାର୍ଡର ନକଲ
3. ଭଡ଼ାଦାରଙ୍କ ସ୍ୱୟଂ ସହିସ୍ୱାକ୍ଷରିତ PAN କାର୍ଡ ଓ ଆଧାର କାର୍ଡର ନକଲ

## ଦ୍ୱିତୀୟ ଅନୁସୂଚୀ

**[ଧାରା 15 (1) ଦ୍ରଷ୍ଟବ୍ୟ]**

**ଘରମାଲିକ ଓ ଭଡ଼ାଦାରମାନଙ୍କ ମଧ୍ୟରେ ରକ୍ଷଣାବେକ୍ଷଣ ଦାୟିତ୍ୱର ବିଭାଜନ**

ଭଡ଼ାଘର ଚୁକ୍ତିନାମାରେ ଥାଉ କି ନଥାଉ, ଭାଗ 'କ' ଅଧୀନରେ ରହିଥିବା ବିଷୟଗୁଡ଼ିକର ମରାମତି ପାଇଁ ଘରମାଲିକ ଦାୟୀ ରହିବେ ଏବଂ ଭାଗ 'ଖ' ଅଧୀନରେ ରହିଥିବା ବିଷୟଗୁଡ଼ିକ ପାଇଁ ଭଡ଼ାଦାର ଦାୟୀ ରହିବେ ।

**ଭାଗ 'କ':**

**ଘରମାଲିକଙ୍କ ଦାୟିତ୍ୱଗୁଡ଼ିକ**

1. ଭଡ଼ାଦାରଙ୍କ ଦ୍ୱାରା ହୋଇଥିବା କ୍ଷୟକ୍ଷତି ବ୍ୟତୀତ ଭଡ଼ାଘରର ଢାଞ୍ଚାଗତ ମରାମତି କାର୍ଯ୍ୟ
2. କାନ୍ଥର ଚୂନ ଧଳା କରିବା ଏବଂ କବାଟ ଓ ଝରକା ରଙ୍ଗ କରିବା।
3. ପାଣି ପାଇପ୍ ଓ ଅନ୍ୟ ପାଇପ୍‌ଗୁଡ଼ିକୁ ଆବଶ୍ୟକ ବେଳେ ବଦଳାଇବା।
4. ଆବଶ୍ୟକ ସମୟରେ ଭିତରର ଓ ବାହାରର ବୈଦ୍ୟୁତିକ ଓୟାରିଂ ଓ ଆନୁଷଙ୍ଗିକ ରକ୍ଷଣାବେକ୍ଷଣ

**ଭାଗ 'ଖ':**

**ପର୍ଯ୍ୟାୟକ୍ରମେ ଭଡ଼ାଦାରଙ୍କ ଦ୍ୱାରା କରାଯିବାକୁ ଥିବା ମରାମତି**

1. ଟ୍ୟାପ୍ ୱାଶର ଓ ଟ୍ୟାପ୍‌ଗୁଡ଼ିକୁ ବଦଳାଇବା
2. ଡ୍ରେନ୍ ସଫେଇ.
3. ପାଣି ସଂରକ୍ଷଣାଗାରର ମରାମତି
4. ୱାଶ୍ ବେସିନ୍ ମରାମତି
5. ବାଥ୍ ଟବ୍ ମରାମତି
6. ଗିଜର ମରାମତି
7. ସାର୍କିଟ୍ ବ୍ରେକର ମରାମତି
8. ସୁଇଚ୍ ଓ ସକେଟ୍ ଗୁଡ଼ିକର ମରାମତି
9. ମୁଖ୍ୟ ଆଭ୍ୟନ୍ତରୀଣ ଓ ବାହ୍ୟ ଓୟାରିଂର ପରିବର୍ତ୍ତନ ବ୍ୟତୀତ ବୈଦ୍ୟୁତିକ ଉପକରଣଗୁଡ଼ିକର ମରାମତି ଏବଂ ପରିବର୍ତ୍ତନ
10. ରୋଷେଇଘରର ଫିକ୍ସ୍‌ଚରଗୁଡ଼ିକର ମରାମତି
11. କବାଟ, କପ୍‌ବୋର୍ଡ ଓ ଝରକା ଇତ୍ୟାଦିର ନବ୍ ଓ ତାଲା ପରିବର୍ତ୍ତନ କରିବା
12. ଫ୍ଲାଏ-ନେଟ୍‌ଗୁଡ଼ିକର ପରିବର୍ତ୍ତନ କରିବା
13. ଝରକା ଓ କବାଟ ଆଦିରେ ଲାଗିଥିବା ଗ୍ଲାସ୍ ପ୍ୟାନେଲଗୁଡ଼ିକୁ ବଦଳାଇବା
14. ଭଡ଼ାଦାରଙ୍କୁ ଛଡ଼ାଯାଇଥିବା ବା ତାଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ବଗିଚା ଓ ଖୋଲା ଜାଗାଗୁଡ଼ିକର ରକ୍ଷଣାବେକ୍ଷଣ

**ରାଜ୍ୟପାଳଙ୍କ ଆଦେଶକ୍ରମେ**

**(ଉଷା ପାଢ଼ୀ)**
**ଅତିରିକ୍ତ ମୁଖ୍ୟ ଶାସନ ସଚିବ**